# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


ବିଶ୍ୱାସ-ଅବିଶ୍ୱାସ

ନବୀନଙ୍କ ଉପରେ ମୋଦୀଙ୍କ ନଜର

ସ୍ମୃତି ଇରାନୀ ୨.୦ ଲୋଡିଂ

‘କ୍ଷମତା ଚଉକା’ ଲକ୍ଷ୍ୟରେ ମମତା

ମନ୍ତ୍ରୀ ଆଶାୟୀଙ୍କୁ ଡିପିସି ଲଲିପପ୍

ତାରା ବାହିନୀପତିଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-20 06 APRIL - 12 APRIL 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୦ ୦୬ ଏପ୍ରିଲ୍ - ୧୨ ଏପ୍ରିଲ୍ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





ଗର୍ବିତ ଓଡ଼ିଆ ODIA WEEKLY ● GARVIT ODIA

ଗର୍ବିତ ଓଡ଼ିଆ



# ଚାଉଳରୁ ଭାତ ହେବ କେମିତି ?

ଆପଣ ଫଟ୍ କିନା ଭାବିବେ କି ଅଜବ ଏ ଲୋକ । ଖବରକାଗଜ ସମ୍ପାଦକ, ହେଲେ ଚାଉଳରୁ ଭାତ ହେବ କେମିତି? ଜାଣନ୍ତିନି। ଆମ ଜଗନ୍ନାଥ ସଂସ୍କୃତିରେ ଚାଉଳରୁ ଭାତ, ଆଉ ଭାତରୁ ବି ଚାଉଳ ହୁଏ । ଆଜ୍ଞା ନିକଟରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ସରକାର ମୁଣ୍ଡପିଛା ଆଉ ୫ କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି । ମାନେ ଏବେ ଲୋକମାନେ ମୁଣ୍ଡପିଛା ୧୦ କେଜି ଚାଉଳ ପାଇବେ । ବହୁତ ଭଲ କଥା, ଗରିବ ଲୋକମାନେ ଏବେ ଡବଲ ଇଞ୍ଜିନ୍ ସରକାରର ପ୍ରଥମ ଡବଲ ଫାଇଦା ପାଇବେ। ମୋଦିଙ୍କ ୫ କେଜି ସାଙ୍ଗକୁ ମୋହନଙ୍କ ୫ କେଜି ମିଶିଲେ ବସ୍ତା ଓଜନ ବଢ଼ିଯିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏମିତି ଘୋଷଣାର ଦିନକ ପରେ ହଠାତ୍ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏକ ଘୋଷଣା ଚଡ଼କ ପକାଇ ଦେଇଛି । ଗାଁ ଗହଳିରେ ହୁଏତ କେହି ଏହାଦ୍ୱାରା ପ୍ରଭାବିତ ହେବେନି, କିନ୍ତୁ ସହରରେ ରହୁଥିବା ଛାତ୍ର, ଶ୍ରମିକ, ଭଡ଼ା ଘରେ ରହୁଥିବା ସାଧାରଣ ଲୋକଟେ କିନ୍ତୁ ଚିନ୍ତାରେ ପଡ଼ିଯାଇଛି। ହଷ୍ଟେଲରେ ବା ବଖରକିଆ ଭଡ଼ା ଘରେ ରହୁଥିବା ଅନେକ ଲୋକ ୫ କେଜିଆ ଗ୍ୟାସ ସିଲିଣ୍ଡରରେ ରୋଷେଇବାସ କରି ଚଳିଯାଆନ୍ତି । ଅଧା ଲୋକେତ ସମୟ ଓ ଗ୍ୟାସ ଖର୍ଚ୍ଚ ବଞ୍ଚାଇବାକୁ ଗୋଟିଏ ଥର ରୋଷେଇ କରି ଦିଥର ବି ଖାଆନ୍ତି। କିନ୍ତୁ ଛୋଟ ସିଲିଣ୍ଡରକୁ ବ୍ୟାନ୍ କରିଦେବା ଫଳରେ ସେମାନେ ଏବେ ରୋଷେଇ କରିବେ କେମିତି ? ମୋହନଙ୍କ ଚାଉଳ ତ ଗାଁ ବସରେ ଭୁବନେଶ୍ୱର ଆସିଯିବ, ହେଲେ ସେ ଚାଉଳରୁ ଭାତ ହେବ କେମିତି ? ଏହାର ଉତ୍ତର କିନ୍ତୁ କେହି ପାଉନାହାନ୍ତି। ଏକଥା ସତ୍ୟଯେ, ବିନା କାଗଜପତ୍ରରେ ଅନେକ ଛୋଟ ଗ୍ୟାସ ସିଲିଣ୍ଡର ବ୍ୟବହାର କରନ୍ତି। ଯାହାକି ବେଆଇନ୍। ହେଲେ ଏହି ବେଆଇନ୍ ବେପାର କ'ଣ ଏବେ ଚାଲିଛି କି ? ବର୍ଷ ବର୍ଷ ଧରି ଏମିତି ଜାରି ରହିଥିଲା । ହଠାତ୍ ବନ୍ଦ କରିଦେଲେ କେମିତି ହେବ? ପ୍ରଥମେ ଦି ଚାରିମାସ ସେମାନଙ୍କୁ ସୁଯୋଗ ଦେବା ଦରକାର । ସହରରେ ରହୁଥିବା ଛାତ୍ରଛାତ୍ରୀ, ଛୋଟମୋଟ ଚାକିରୀ ଓ ମୂଲମଜୁରୀ ଲାଗୁଥିବା ଲୋକଙ୍କ ପାଇଁ ମହଲତ ଦେବାର ଆବଶ୍ୟକତା ରହିଛି । ସେମାନେ କିଭଳି ରୋଷେଇ ପାଇଁ ଗ୍ୟାସ୍ ପାଇପାରିବେ ସେକଥା ବି ସରକାର ଚିନ୍ତା କରିବା ଦରକାର ଥିଲା । ହଁ, ଆଜି ଯୁଦ୍ଧ ପାଇଁ ଏମିତି ସ୍ଥିତି ସୃଷ୍ଟିହୋଇଛି । ଇରାନ୍-ଆମେରିକା ଯେତିକି ପ୍ରଭାବିତ ହେଉଛି, ଭାରତ ବି ସେତିକି ପ୍ରଭାବିତ ହୋଇଛି । ଆଗକୁ ଯୁଦ୍ଧ ଜାରିରହିଲେ ଗ୍ୟାସ ସଂକଟ ସୃଷ୍ଟିହେବା ନିଶ୍ଚିତ । ତେବେ ଓଡ଼ିଶା ସରକାରଙ୍କ ଏଭଳି 'ବ୍ୟାନ୍ ୱାର' ବିନା ମେଘରେ ବଜ୍ରପାତ ବୋଲି କହିଲେ ଭୁଲ୍ ହେବନି । ଅତୀତରେ ଅନେକ ପ୍ରସଙ୍ଗରେ ସରକାର ୟୁଟର୍ଣ୍ଣ ନେଇ ସମାଲୋଚିତ ହୋଇଛନ୍ତି । କିନ୍ତୁ ଏଭଳି ଗ୍ୟାସ୍ ବ୍ୟାନ ଘୋଷଣାରେ ୟୁଟର୍ଣ୍ଣ ନେଲେ ପ୍ରଶଂସା ସାଉଁଟିବେ । ନଚେତ୍ ଛାତ୍ରଛାତ୍ରୀ, ଯୁବବର୍ଗଙ୍କ ରୋଷରେ ସରକାର ଶିଝିଯିବେ ବୋଲି କହିଲେ ଭୁଲ୍ ହେବନି ।

ହଁ ଆଉ ଗୋଟିଏ କଥା ଭୁଲିଗଲି । ଆଜିକାଲି ଆମ ପିଲାମାନେ ତ ଢଗଢ଼ମାଳି, ରଢ଼ି ବିଷୟରେ ପ୍ରାୟତଃ ଜାଣନ୍ତିନି । ତଥାପିବି ନାତୁଣୀକୁ 'ଅଗାଣ୍ଡିଆ ରାଜା, ପାଳବିଣ୍ଡା ମନ୍ତ୍ରୀ' ଯାର ଅର୍ଥ କଥା ପଚାରିଲି । ସ୍ମାର୍ଟ ନାତୁଣୀ ମୋର ଫଟ୍ କିନା ଗୁଗୁଲରେ ସର୍ଚ୍ଚ କରିଦେଲା... । ଆପଣ ବି ସର୍ଚ୍ଚ କଲେ ଉତ୍ତର ପାଇଯିବେ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ଓଡ଼ିଶା ରାଜନୀତିରେ ସିପିଆଇ

୧୯୨୫ରେ ଗଠିତ ହୋଇଥିଲା ସିପିଆଇ । ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ସିପିଆଇର ଓଡ଼ିଶା ଶାଖା ଖୋଲିଥିଲା । ପ୍ରାଣନାଥ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ ଓ ଭଗବତୀ ଚରଣ ପାଣିଗ୍ରାହୀ ଏହାର ପ୍ରତିଷ୍ଠାତା ଥିଲେ । ଏମାନଙ୍କୁ ସେତେବେଳେ 'ତ୍ରିଶକ୍ତି' କୁହାଯାଉଥିଲା । କୃଷକ ଓ ଭୂମିହୀନ ଶ୍ରମିକଙ୍କୁ ସଂଗଠିତ କରିବା ଦିଗରେ ଦଳ ବେଶୀ ଧ୍ୟାନ ଦେଇଥିଲା । ଫଳରେ ଶାସକ ଗୋଷ୍ଠୀ, ଜମିଦାର ଓ ଜମି ମାଲିକଙ୍କ ବିରୋଧରେ ମୁହାଁମୁହିଁ ସ୍ଥିତି ବି ସୃଷ୍ଟି ହେଉଥିଲା । ପରେ ସିପିଆଇର ଛାତ୍ର ଶାଖା 'ନିଖିଳ ଭାରତ ଛାତ୍ର ଫେଡ଼େରେସନ୍ (ଏଆଇଏସଏଫ)' ଗଠନ କରାଯାଇଥିଲା । କଟକ ଟାଉନହଲରେ ଅନୁଷ୍ଠିତ ଏହାର ପ୍ରଥମ ଅଧିବେଶନରେ ବିଶ୍ୱନାଥ ପଶାୟତ ସମ୍ପାଦକ, ନୀଳମଣି ରାଉତରାୟ ଓ ଗୋବିନ୍ଦଚନ୍ଦ୍ର ମହାନ୍ତି ଯୁଗ୍ମ ସମ୍ପାଦକ ହୋଇଥିଲେ । ପରବର୍ତ୍ତୀ ସମୟରେ ସମ୍ବିଧାନ ସଂଶୋଧନ କରାଯାଇ ସଭାପତି ଓ ଅନ୍ୟ ପଦବୀ ସୃଷ୍ଟି ହୋଇଥିଲା । ଗଙ୍ଗାଧର ମହାପାତ୍ର, ବୀରେନ୍ ମିତ୍ର, ଗଙ୍ଗାଧର ରଥ, ଜଗନ୍ନାଥ ପଟ୍ଟନାୟକ, ଗିରିଜାଭୂଷଣ ପଟ୍ଟନାୟକ, ନନ୍ଦିନୀ ଶତପଥି, ଆଶିଷ ମହାପାତ୍ର, ଲକ୍ଷ୍ମୀନାରାୟଣ ରାୟସିଂହ, ଅରୁଣ ଦେ ପ୍ରମୁଖ ଏଆଇଏସଏଫର ନେତୃତ୍ୱ ନେଇଥିଲେ । ୧୯୪୬ରେ ଅଲ ଇଣ୍ଡିଆ ଟ୍ରେନ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ଗଠନ କରାଯାଇଥିଲା। କମ୍ୟୁନିଷ୍ଟ ନେତା ଦ୍ୱିତୀକୃଷ୍ଣ ପଣ୍ଡା, ରାମଚନ୍ଦ୍ର ରାମ, ଦୁର୍ଗାଚରଣ ମହାନ୍ତି, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଶ୍ରମିକ ସଂଗଠନର ନେତୃତ୍ୱ ନେଇଥିଲେ ।



# ମୋହନଙ୍କ ମାଷ୍ଟରଷ୍ଟ୍ରୋକ୍

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୋଟିଏ ଦିନରେ ଦି ଦିଟା ମାଷ୍ଟରଷ୍ଟ୍ରୋକ ଦେଇଛନ୍ତି । ମେଡ଼ିକାଲ, ଇଞ୍ଜିନିୟରିଂରେ ଓବିସି ବା ଏସଇବିସିଙ୍କ ପାଇଁ ପ୍ରଥମ ଥର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏଣିକି ମେଡ଼ିକାଲ ଓ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମରେ ସେମାନେ ସଂରକ୍ଷଣ ପାଇବେ। ପୂର୍ବରୁ ଏମିତି ଦାବି କରି ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ନେଇ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପର୍ଯ୍ୟନ୍ତ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଏମିତିବି ଧର୍ମେନ୍ଦ୍ର ପ୍ରଧାନ ନବୀନଙ୍କୁ ଓ ମୋହନଙ୍କୁ ଚାରି ଚାରିଥର ପତ୍ର ଲେଖି ଦାବି ଜଣାଇଥିଲେ। ସେପଟେ ଡବଲ ଇଞ୍ଜିନ ସରକାରରେ ପ୍ରଥମ ଥର ପାଇଁ ଲୋକମାନେ ଡବଲ ଫାଇଦା ପାଇବେ। ରାସନ କାର୍ଡ଼ ହିତାଧିକାରୀଙ୍କୁ ଏଣିକି ମୋଦିଙ୍କ ୫ କେଜି ସହ ମୋହନଙ୍କ ୫ କେଜି ଚାଉଳ ଫ୍ରିରେ ମିଳିବ। ମୋହନଙ୍କ ଏଭଳି ରଣନୀତି ପଞ୍ଚାୟତ ନିର୍ବାଚନରେ ଦଳକୁ କେତେ ଫାଇଦା ଆଣିଦେବ, ତାହା ଦେଖିବାକୁ ବାକି ରହିଲା। ଅବଶ୍ୟ ନିନ୍ଦୁକେ କହୁଛନ୍ତି, ଏଫସିଆଇ ଚାଉଳ ନଉଠାଇବାରୁ ଗୋଦାମରେ ପ୍ରବଳ ଷ୍ଟକ ରହିଛି । ତେଣୁ ଚାଉଳ ନଷ୍ଟ କାହିଁ ହେବ, ଲୋକେ ପାଇଗଲେ ବରଂ ଭୋଟ୍ ଆସିବ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



# ବିଶ୍ୱାସ ଅବିଶ୍ୱାସ

## ବିଜୟ୍-ଦିଲ୍ଲୀପଙ୍କ ଗୋଷ୍ଠୀ ଉପରେ ନବୀନଙ୍କ ନଜର

**ରାଜ୍ୟ ରାଜନୀତିରେ ଏବେ ଅଜବ ସ୍ଥିତି । ତିନି ଦଳର ମଙ୍ଗୁଆଳଙ୍କ ମନରେ ଯେତିକି ବିଶ୍ୱାସ, ସେତିକି ଅବିଶ୍ୱାସ । ଦଳୀୟ ବିଧାୟକ ଓ କର୍ମୀଙ୍କ ମତିଗତି ଠଉରାଇବା ଦୁରୂହ ବ୍ୟାପାର ହୋଇପଡିଛି । ବିଜେଡ଼ି, ବିଜେପି ଓ କଂଗ୍ରେସ, ସବୁଠି ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା । ଅତୀତରେ ଯେ, ଛକାପଞ୍ଝା ନଥିଲା ତାହା ନୁହେଁ, ହେଲେ ଆଜିକା ସ୍ଥିତି ଭାରି ଜଟିଳ ହୋଇଯାଇଛି।**

ବିଜେଡ଼ି ସରକାରକୁ ଆସିବାର ପ୍ରଥମ ଦି ତିନି ବର୍ଷ ଛକାପଞ୍ଝା ଲାଗିଥିଲା । ହେଲେ ଅନ୍ୟ ବଳୁଆ ନେତାଙ୍କୁ ନବୀନ ବାବୁ ବିଦା କରିବା ପରେ ନିଜେ ମହାବଳ ହୋଇଗଲେ । ବାସ୍ ତା'ପରେ ଆଉ ବିଜେଡ଼ିରେ ଛକାପଞ୍ଝାକୁ ନେଇ ନବୀନ ବାବୁ ବିବ୍ରତ ହୋଇନଥିଲେ । ପ୍ୟାରୀମୋହନ ମହାପାତ୍ରଙ୍କୁ ଦଳର ବୁଝାଶୁଝା ଦାୟିତ୍ୱ ଦେଇ ନବୀନ ଅଚିନ୍ତାରେ ବସି ପଡ଼ିଥିଲେ । ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ବି ନବୀନ ବାବୁ ସେଞ୍ଚୁରୀ ମାରିଥିଲେ । ହେଲେ ୨୦୧୨ରେ ପ୍ୟାରୀଙ୍କ ମଧ୍ୟରାତ୍ର ଷଡ଼ଯନ୍ତ୍ର ତାଙ୍କୁ ପୁଣି ଅସ୍ତବ୍ୟସ୍ତ କରି ପକାଇଥିଲା । ସେହି ସମୟରେ ପ୍ରାୟ ଦି ବର୍ଷ କାଳ ବିଜେଡ଼ିରେ ଛକାପଞ୍ଝା ଦେଖିବାକୁ ମିଳିଥିଲା । କିନ୍ତୁ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ଲହରୀ ସତ୍ତ୍ୱେ ନବୀନ ଆଉ ଏକ ଧମାକାଦାର ସେଞ୍ଚୁରୀ ମାରିଥିଲେ । ସେହି ସମୟରେ ଦଳର ଏକ କୋଟରୀକୁ ନିର୍ବାଚନ ପରିଚାଳନାର ମଙ୍ଗ ଧରାଇ ଦେଇଥିଲେ ନବୀନ । କିନ୍ତୁ ପ୍ରଚ୍ଛଦପଟରେ ରହି ଗୋଟି ଚଳାଉଥିବା ଭିକେ ପାଣ୍ଡିଆନ୍ ୨୦୧୪ ପରେପରେ ସକ୍ରିୟ ହେବା ଆରମ୍ଭ କରିଥିଲେ । ରାଜ୍ୟ ରାଜନୀତିରେ ବାବୁରାଜ୍ ଆରମ୍ଭ ହୋଇଗଲା ।

କିନ୍ତୁ ୨୦୧୭ରେ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେଡ଼ିକୁ ଝଟକା ଦେଇଥିଲା ବିଜେପି । ତିନି ନମ୍ବର ଦଳ ଥିବା ବିଜେପି ହଠାତ୍ ଦୁଇ ନମ୍ବରକୁ ଉଠିଆସିଲା । ମୋଦି-ଶାହା ଓଡ଼ିଶା ପାଇଁ ଆକ୍ରମଣାତ୍ମକ ରଣନୀତି କରିଥିଲେ । କିନ୍ତୁ ୨୦୧୯ରେ ପୁଣି ନବୀନ ହାଟ୍ରିକ୍ ସେଞ୍ଚୁରୀ ମାରି ରାଜ୍ୟ ରାଜନୀତିରେ ଅପରାଜେୟ ନେତାଭାବେ ଖ୍ୟାତି ଅର୍ଜନ କରିଥିଲେ । ଏହାପରେ ବିଜେଡ଼ିରେ ଆରମ୍ଭ ହୋଇଥିଲା ପାଣ୍ଡିଆନ୍ ଯୁଗ । ଆଗରୁ ଭିତରେ ଭିତରେ ଖେଳ କରୁଥିବା ପାଣ୍ଡିଆନ୍ ସିଧା ମଇଦାନକୁ ଓହ୍ଲାଇଲେ । ୨୦୨୨ ପଞ୍ଚାୟତ ନିର୍ବାଚନ ପାଣ୍ଡିଆନଙ୍କ ରଣନୀତିରେ ବିଜେଡ଼ି ଲଢ଼ିଥିଲା । ସେପଟେ ପ୍ରଣବ ପ୍ରକାଶ ଦାସ ବିଜେଡ଼ିର ନମ୍ବର ଟୁ ଭାବେ ଦଳର ସଂଗଠନ କାନ୍ଧେଇଥିଲେ । ପାଣ୍ଡିଆନ୍ ଯାହା ଚିନ୍ତା କରୁଥିଲେ ବବି ତାହା କରୁଥିଲେ । ୨୦୨୨ରେ ବିରାଟ ସଫଳତା ପରେ ୨୦୨୪ରେ ନିଶ୍ଚିତ ବିଜୟର ଆଶା ରଖିଥିଲେ ନବୀନବାବୁ । ଏମିତିକି ବିଜେଡ଼ି ଅଦମନୀୟ ହୋଇଥିବାରୁ ଦଳ ସରକାରକୁ ଆସିବା ପରେ କ୍ଷମତାକୁ ଜାବୁଡ଼ି ଧରିବାକୁ ଭିକେ ପାଣ୍ଡିଆନ୍ ବି ଗୋଟିଚାଳନା କରିଥିଲେ । ସେହି ସମୟରେ ଭିତରେ ଭିତରେ ବବି ଦାସ ଗୋଷ୍ଠୀ ଓ ପାଣ୍ଡିଆନ୍ ଗୋଷ୍ଠୀ ସୃଷ୍ଟି ହୋଇଥିଲେବି ତାହା ଜଣାପଡୁନଥିଲା । କିମ୍ବା ସେସବୁକୁ କେହି ଗୁରୁତ୍ୱ ଦେଇନଥିଲେ । ନବୀନ ବାବୁ ବି ବବି-ପାଣ୍ଡିଆନଙ୍କ ହାତରେ ଦଳ ଟେକିଦେଇ ରେଷ୍ଟ ନେବାକୁ ପସନ୍ଦ କଲେ । କିନ୍ତୁ ୨୦୨୪ରେ ବିଜେଡ଼ି ଓ ନବୀନବାବୁଙ୍କ ଅହଙ୍କାର ଭାଙ୍ଗିଗଲା । ଦଳରେ ବବି ଓ ପାଣ୍ଡିଆନଙ୍କୁ ନେଇ ବିଦ୍ରୋହ ହେଲା । ଦଳ କ୍ଷମତାରେ ଥିବାବେଳେ ସବୁ ଦେଖି ପାଟିରେ ତୁଣ୍ଡି ବାନ୍ଧିଥିବା ବରିଷ୍ଠ, ଯୁବ, ଛାତ୍ର ମୁହଁ ଖୋଲିବା ଆରମ୍ଭ କରିଦେଲେ । ଏହାପରେ ନବୀନ ବାବୁଙ୍କ ମନରେ ୧୯୯୮ରୁ ୨୦୦୨ ଭଳି ଅବିଶ୍ୱାସ ସୃଷ୍ଟିହେଲା । ରାଜ୍ୟସଭା ନିର୍ବାଚନ ବେଳେ ଓ ତା'ପୂର୍ବରୁ ଦଳର ୮ ବିଧାୟକଙ୍କ କ୍ରସଭୋଟିଂ ନବୀନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି । ବିଜୁ ଲିଗାସୀ ନାଁରେ ବିଧାୟକ ଡିଆଁ ମାରିବା ତାଙ୍କୁ ଚକିତ କରିଦେଇଛି । ସବୁଠୁ ବଡ଼ କଥାଟି ହେଉଛି ଦିଲ୍ଲୀପ ରାୟଙ୍କର କଥା । ଆଉ ଛଅ ସାତ ଭୋଟ୍ ପାଇବେ ବୋଲି ସେ ଆଶା ରଖିଥିଲେ, ହେଲେ ପଦ ଚାଲିଯିବା ଡରରେ କେତେକ ବିଧାୟକ ତାଙ୍କୁ ଭୋଟ୍ ଦେଇନଥିଲେ । ସେ ଜିତିବା ପରେ ତାଙ୍କୁ ଫୋନ୍ କରି ପସ୍ତାଉଥିବା କଥା ବି ଦିଲ୍ଲୀପ କହିଛନ୍ତି । ଯାହାକି ନବୀନଙ୍କୁ ଚିନ୍ତାରେ ପକାଇ ଦେଇଛି । ନବୀନ ନିବାସରେ ଲୁଙ୍ଗି ପିନ୍ଧି ଶୋଇଥିବା ବିଧାୟକମାନେ ଯଦି ବଦଳି ଯାଉଛନ୍ତି, କାଲିକି କାଲି ଆଉ କିଏ କାଳେ ବଦଳିଯିବ ସେହି ଚିନ୍ତାରେ ଘାରି ହେଉଛନ୍ତି । କିଏ ବିଜୁ ଲିଗାସୀ, କିଏ ନବୀନ ଭକ୍ତ, କିଏ ପାଣ୍ଡିଆନ୍ ଭକ୍ତ, କିଏ ବବି ଅନୁଗତ ସବୁକୁ ସେ ନିରେଖି ପରଖୁଥିବା ଜାଣିବାକୁ ମିଳିଛି ।

# ଧର୍ମେନ୍ଦ୍ର ଅନୁଗତଙ୍କ ଉପରେ ମୋହନଙ୍କ ନଜର

୨୦୨୪ରେ ଅପ୍ରତ୍ୟାଶିତ ବିଜୟ ହାସଲ ପରେ ନେତୃତ୍ୱକୁ ନେଇ ସ୍ୱାଭାବିକ ଭାବେ ବିଜେପିରେ ଛକାପଞ୍ଝା ଆରମ୍ଭ ହୋଇଯାଇଥିଲା । କିଏ ହେବେ ମୁଖ୍ୟମନ୍ତ୍ରୀ? ତାହାକୁ ନେଇ ଦଳରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା । କେନ୍ଦ୍ରୀୟ ନେତୃତ୍ୱ ବି କି ନିଷ୍ପତ୍ତି ନେବେ ବୁଝିପାରିନଥିଲେ । ଦୌଡ଼ରେ ସର୍ବାଗ୍ରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଦଳରେ ମୋହନ ଚରଣ ମାଝୀ ହୋଇଥିଲେ ମୁଖ୍ୟମନ୍ତ୍ରୀ । ଅବଶ୍ୟ ଧର୍ମେନ୍ଦ୍ରଙ୍କ ପାଇଁ ହିଁ ମୋହନ ମୁଖ୍ୟମନ୍ତ୍ରୀ ହୋଇଥିବା କଥା ସମସ୍ତେ ଜାଣିଥିଲେ । ଖାସ୍ ସେଇଥିପାଇଁ ତ ମୋହନଙ୍କ ଶାସନର ପ୍ରଥମ ଛଅମାସ ଧର୍ମେନ୍ଦ୍ରଙ୍କ ଇସାରାରେ ପରିଚାଳିତ ହେଉଥିଲା । ମୋହନଙ୍କ ପାଖେପାଖେ ଗୋଲକ ମହାପାତ୍ର ଓ ଠାକୁର ରଣଜିତ ଦାସଙ୍କୁ ଦେଖିବାକୁ ମିଳିଥିଲା । ଅଧିକାଂଶ ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କୋଟରୀର ହୋଇଥିବାବେଳେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ବି ମିଳିଥିଲା । ସେହି ସମୟରେ ମନମୋହନ ପାୱାରଲେସ୍ ହୋଇଯାଇଥିଲେ । ଦଳର ସଭାପତି ହୋଇଥିଲେବି ତାଙ୍କୁ ସେମିତି ଗୁରୁତ୍ୱ ମିଳୁନଥିଲା । ସେହି ସମୟରେ ଧର୍ମେନ୍ଦ୍ର-ମନମୋହନଙ୍କ ମଧ୍ୟରେ ଶୀତଳଯୁଦ୍ଧ ଚାଲିଥିଲା ବୋଲି ଦଳୀୟ ଅଳିନ୍ଦରେ ଚର୍ଚ୍ଚା ହେଉଥିଲା । ହେଲେ ହଠାତ୍ ବିଜେପି ରାଜନୀତି କଡ଼ ଲେଉଟାଇଥିଲା । ଧର୍ମେନ୍ଦ୍ରଙ୍କୁ ଛାଡ଼ି ମନମୋହନଙ୍କ ସହ ସମ୍ପର୍କ ମଜବୁତ୍ କରିଥିଲେ ମୋହନ । ଗୋଲକ ଓ ଠାକୁରଙ୍କୁ ମୋହନ କୋଣଠେସା କରିଦେଇ ସେମାନଙ୍କୁ ସିଏମଓରୁ ବିଦା କରିଦେଇଥିଲେ । ଏବେ ଦିଲ୍ଲୀପ ମହାନ୍ତି ଓ ମନୋଜ ମହାପାତ୍ରଙ୍କୁ ସିଏମଓରେ ବେଶ୍ ସକ୍ରିୟ ଥିବା ଦେଖିବାକୁ ମିଳୁଛି । ସେହିପରି ମନମୋହନ ସାମଲ ପୁଣିଥରେ ରାଜ୍ୟ ସଭାପତି ହେବାପରେ ତାଙ୍କର ପତିଆରା ବି ସ୍ୱାଭାବିକ ଭାବେ ବଢ଼ିଯାଇଛି । ଯୋଡ଼ା(ମୋହନ-ମନମୋହନ)କୁ ଘୋଡ଼ା (ଧର୍ମେନ୍ଦ୍ର) ସରି ନୁହେଁ ବୋଲି ଯେଉଁ ବାର୍ତ୍ତା ଦଳୀୟ କାର୍ଯ୍ୟାଳୟରେ ଦିଆଯାଇଥିଲା, ତାହାର ଚିତ୍ର ଚରିତ୍ର ସବୁ ସ୍ପଷ୍ଟ ପ୍ରତୀୟମାନ ହେଉଛି । ତଥାପିବି ଧର୍ମେନ୍ଦ୍ରଙ୍କ କୋଟରୀ ସରକାରରେ ବେଶ୍ ମଜବୁତ୍ ଅଛନ୍ତି ।



ମନ୍ତ୍ରୀମଣ୍ଡଳ ଅଦଳବଦଳ ହେଉ ଅବା ନିଗମ ନିଯୁକ୍ତି ବେଳେ କିଭଳି ସେମାନଙ୍କ ଅନୁଗତ ବେଶୀ ପାୱାରଫୁଲ୍ ହେବେ ସେ ଦିଗରେ ମୋହନ-ମନମୋହନ ଗୋଟିଚାଳନା କରୁଛନ୍ତି । ତେବେ ଦିଲ୍ଲୀରେ ଧର୍ମେନ୍ଦ୍ରଙ୍କ ପାୱାର ଥିବାରୁ ଅନେକ ଯୋଜନା ଫସର ଫାଟିଯାଉଥିବା ନେଇ ଚର୍ଚ୍ଚା ହେଉଛି । ମୋଦି-ଶାହାଙ୍କ ଗୁଡ଼ବୁକରେ ଏବେ ବି ଧର୍ମେନ୍ଦ୍ର ଅଛନ୍ତି । ତେଣୁ ରାଜ୍ୟ ରାଜନୀତିରେ କେତେବେଳେ କ'ଣ ଘଟିବ ତାହାକୁ ନେଇ ଛକାପଞ୍ଝା ଜାରିରହିଛି । ପୋଖରୀକୁ ଟେକା ମାରିଲେ ଯେମିତି ତରଙ୍ଗ ସୃଷ୍ଟି ହୁଏ ଠିକ୍ ସେମିତି ମଝିରେ ମଝିରେ ଶୋଭାଯାତ୍ରା, ଶିଳାନ୍ୟାସ ଓ ଲୋକାର୍ପଣ କରି ଧର୍ମେନ୍ଦ୍ର ବି ରାଜ୍ୟ ପଦ୍ମ ପୋଖରୀରେ ତରଙ୍ଗ ସୃଷ୍ଟି କରୁଛନ୍ତି । ଅବଶ୍ୟ ଧର୍ମେନ୍ଦ୍ରଙ୍କ କୋଟରୀରେ ଥିବା କିଛି ବିଧାୟକ ଓ ନେତା ଏବେ ମୋହନ-ମନମୋହନଙ୍କ ଆଡ଼କୁ ୪୫ ଡିଗ୍ରୀ ଢ଼ଳି ରହିଛନ୍ତି । ତେବେ ୨୦୧୨ରୁ ରାଜ୍ୟ ବିଜେପିକୁ ନିଜ ହାତମୁଠାରେ ରଖିଥିବା ଧର୍ମେନ୍ଦ୍ରଙ୍କ ପଲା ଏବେବି ଭାରି ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟରେ ମୋହନଙ୍କ ହାତରେ ପାୱାର ଥିଲେବି ଧର୍ମେନ୍ଦ୍ରଙ୍କ ଅବଦାନକୁ ଅନେକ ବିଧାୟକ ଓ ନେତା ଭୁଲି ପାରୁନାହାନ୍ତି । ତେଣୁ ନିଗମ ହେଉକି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ବେଳେ ମୁକୁଙ୍କ ଅନୁଗତ ଆପେଆପେ ରହିଯିବେ । ତଥାପିବି ମୋହନ ଏବେ କିଏ କେଉଁ ଗୋଷ୍ଠୀର, କାହାର ମତିଗତି କ'ଣ ତାହାବି ପରଖିବାରେ ଲାଗି ପଡ଼ିଛନ୍ତି ।

# ତିଆରି ଚାଲିଛି ଭକ୍ତଙ୍କ କୋଟରୀ

ଭକ୍ତ ଦାସ ପିସିସି ସଭାପତି ହେବାପରେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଦମ୍ଭ ଦେଖାଇଥିଲେ । ହେଲେ ଇଏ କଂଗ୍ରେସ ପାର୍ଟି । କାଉଁରିଆ କାଠି ସିନା କହେ, ଭାଙ୍ଗିବି ପଛେ ନଇଁବି ନାହିଁ । ହେଲେ କଂଗ୍ରେସ ନେତା କୁହନ୍ତି, ଦଳ କ୍ଷମତାକୁ ନଆସୁ ପଛେ, ଆମେ ଏକାଠି ହେବୁ ହିଁ ନାହିଁ । ଏବେ ଭକ୍ତ ଦାସ ଗୋଟା ଆଡ଼େ ତ ନିରଞ୍ଜନ ପଟ୍ଟନାୟକ ଅନ୍ୟ ଆଡ଼େ । ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ଭଳି ନେତା ଦଳୀୟ ଲାଇନ୍‌ରେ ରହି ନୀରବରେ ସ୍ଥିତି ପରଖୁଛନ୍ତି । ସେପଟେ ଯୁବ ଛାତ୍ରଙ୍କ ମଧ୍ୟରେ ବି ଭକ୍ତ କୋଟେରୀ ତିଆରି ଚାଲିଛି । ତାରାଙ୍କୁ ବିଧାୟକ ଦଳ ନେତା କରି ଭକ୍ତ ଆହୁରି ମଜବୁତ୍ ହେବାକୁ ଚାହୁଁଛନ୍ତି ।



ସେଥିପାଇଁ ନିକଟରେ ଦିଲ୍ଲୀ ଚାଲ ଅଭିଯାନ ଦେଖିବାକୁ ମିଳିଥିଲା । ଅନ୍ୟ କୋଟରୀର ନେତାଙ୍କୁ ସାଇଡ୍ ଓ ସାଇଜ୍ କରି ଭକ୍ତ ୨୦୨୯ ପର୍ଯ୍ୟନ୍ତ କଂଗ୍ରେସକୁ ଚଳାଇବାକୁ ଚାହାନ୍ତି । କାହିଁକିନା ଏବେ ବିଜେଡ଼ି ଓ କଂଗ୍ରେସ ମେଣ୍ଟ ନେଇ ଅଙ୍କକଷା ଚାଲିଛି । ଯଦି ଭକ୍ତଙ୍କ ନେତୃତ୍ୱରେ ତାହା ସମ୍ଭବ ହୁଏ ଓ ଦଳ କ୍ଷମତାକୁ ଆସେ ତେବେ ଭକ୍ତ ହିଁ ସବୁଠୁ ପାୱାରଫୁଲ୍ ହୋଇଯିବେ । ନୂଆପଡ଼ାରେ ବି ଭକ୍ତ ପୁରୁଖା ଉପକୂଳିଆ ନେତାଙ୍କୁ ପରତେ ନେଇନଥିଲେ ।



ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

# ନବୀନଙ୍କ ଉପରେ ମୋଦିଙ୍କ ନଜର

ରାଜ୍ୟ ରାଜନୀତି ଏବେ ନୂଆ ସମୀକରଣ ଆଡ଼କୁ ମୁହାଁଉଛି । ବିଜେଡ଼ି ଓ କଂଗ୍ରେସ ଭିତରେ ହୋଇଥିବା ସାମୟିକ ବୁଝାମଣା ଏବେ ସ୍ଥାୟୀ ବୁଝାମଣା ଦିଗରେ ଗତି କରୁଛି । ଯାହା ଉପରେ ତୀକ୍ଷ୍ଣ ନଜର ରଖିଛି ବିଜେପି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବି ବିଜେଡ଼ିର ମତିଗତିକୁ ଅନୁଧାନ କରୁଛନ୍ତି । ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ଏନେଇ ବି ଅଙ୍କକଷା ହେବବୋଲି ଜାଣିବାକୁ ମିଳିଛି । ବିଜେଡ଼ି ଓ କଂଗ୍ରେସ ଏକାଠି ହେଲେ, ୨୦୨୯ର ଫଳାଫଳ କ'ଣ ହେବ ? ପଞ୍ଚାୟତ ନିର୍ବାଚନରେ ଏହାର କ'ଣ ପ୍ରଭାବ ପଡ଼ିବ ? କ'ଣ ପଦକ୍ଷେପ ନେଲେ ଦୁଇ ବିରୋଧୀଙ୍କୁ ବିଜେପି ଏକାକୀ ମୁକାବିଲା କରିପାରିବ ଏନେଇ ବି ତର୍ଜମା ହେବ ।

କାହିଁକି ବିଜେଡ଼ି ଓ କଂଗ୍ରେସ ମେଣ୍ଟ ହେଲେ ବିଜେପି ପାଇଁ ବିପଦ ? ଏହାକୁ ବୁଝିବାକୁ ହେଲେ ୨୦୨୪ର ଅଙ୍କକୁ ଦେଖିବାକୁ ହେବ । ୨୦୨୪ର ଅଙ୍କ କହୁଛି ରାଜ୍ୟର ୩୨ ବିଧାନସଭା ଆସନ, ଯଥା; ବାସୁଦେବପୁର, ଭବାନୀପାଟଣା, ବାରବାଟୀ-କଟକ, ସାନଖେମୁଣ୍ଡି, ମୋହନା, ଗୁଣୁପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, ପଟାଙ୍ଗୀ, ଚିତ୍ରକୋଣ୍ଡା, ରାଜଗାଙ୍ଗପୁର, ଆନନ୍ଦପୁର, ଭୋଗରାଇ, ବସ୍ତା, ଭଣ୍ଡାରୀପୋଖରୀ, ବଲାଙ୍ଗୀର, ଡାବୁଗାଁ, ଲାଞ୍ଜିଗଡ଼, ନର୍ଲା, ବାଲିଗୁଡ଼ା, ଆଳି, ଭଦ୍ରକ, ନବରଙ୍ଗପୁର, ଧର୍ମଗଡ଼, ବାଙ୍କୀ, ତିର୍ତ୍ତୋଲ, ଜଟଣୀ, କୋଟପାଡ଼ ଓ ନୂଆପଡ଼ାରେ ଦଳର ଭଲ ଭୋଟ୍ ରହିଛି । ଅବଶ୍ୟ ଏବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ନିଲମ୍ବିତ ହୋଇଛନ୍ତି । ତେବେ ୨୦୨୯ ନିର୍ବାଚନ ବେଳକୁ ସେ ପୁଣି ଦଳକୁ ଫେରିଆସିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ସେପଟେ ବାରବାଟୀ-କଟକରେ ମହମ୍ମଦ ମୋକିମଙ୍କ ପାଇଁ କଂଗ୍ରେସ ମଜବୁତ୍ ଥିବାବେଳେ ସେ ନୂଆ ଦଳ ଗଢ଼ିଛନ୍ତି । ଯଦି ବି ଏହି ଦୁଇ ଆସନ ହିସାବକୁ ନନିଆଯିବ ତଥାପିବି ୩୦ ଆସନରେ ଦଳର ଭଲ ଭୋଟ ବ୍ୟାଙ୍କ ରହିଛି । ସେହିପରି ପଦ୍ମପୁର, ତଳସରା, ରେଢ଼ାଖୋଲ, ସୋର, ଲୋଇସିଂହା, ଜୁନାଗଡ଼, କାକଟପୁର ଓ ପାରଳାଖେମୁଣ୍ଡିରେ କଂଗ୍ରେସର ବି ୩୦ ହଜାର ଭୋଟ୍ ରହିଛି । ୨୦୨୪ରେ କଂଗ୍ରେସ ୧୦୪ ଆସନରେ ଅମାନତ ହରାଇଥିବାବେଳେ କିଛି ଆସନରେ ଦଳର ଭୋଟ୍ ହାରଜିତର ଫଇସଲା କରିପାରେ ।

ଏସବୁ ଉଲ୍ଲେଖ କରିବାର କାରଣ ହେଉଛି, ବିଜେଡ଼ି-କଂଗ୍ରେସ ମଝିରେ ସମ୍ପର୍କ ମଜବୁତ୍ ହେଉଥିବାରୁ ଉଭୟ ଦଳ ଏକାଠି ଗଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଯଦି ସେମିତି ହୁଏ କ'ଣ ହେବ ? ଏ ପ୍ରଶ୍ନ ବି ମନରେ ଉଠିବା ସ୍ୱାଭାବିକ । ୨୦୨୪ର ଅଙ୍କ କହୁଛି, ବିଜେଡ଼ି-କଂଗ୍ରେସ ଏକାଠି ହେଲେ ଅତାବିରା, ଭଟଲି, ବ୍ରଜରାଜନଗର, କୁଚିଣ୍ଡା, ପାଟନା, ଯଶୀପୁର, ବାଙ୍ଗିରୀପୋଷୀ, କରଞ୍ଜିଆ, ବଡ଼ସାହି, ବାରିପଦା, ମୋରଡ଼ା, ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ସିମୁଳିଆ, ଧାମନଗର, ସୁକିନ୍ଦା, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ଅନୁଗୁଳ, ଛେଣ୍ଡିପଦା, ମହାକାଳପଡ଼ା, ପାରାଦୀପ, ଜଗତସିଂହପୁର, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଖୋର୍ଦ୍ଧା, ଚିଲିକା, ରଣପୁର, ଖଣ୍ଡପଡ଼ା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଛତ୍ରପୁର, ଆସ୍କା, ସୋରଡ଼ା, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟିରେ ଦଳର ବିଶେଷ ଟେନସନ ନାହିଁ ।

କିନ୍ତୁ କେଁଟି ହେଉଛି ବିଜେଡ଼ି ଓ କଂଗ୍ରେସ ଜିତିଥିବା ଆସନରେ । ବିଜେଡ଼ି ଯେଉଁସବୁ ଆସନରେ ଜିତିଛି ସେଠାରେ ଯଦି କଂଗ୍ରେସ ଭୋଟ୍ ମିଶିଯାଏ ତେବେ ଜିତିବା ସୁନିଶ୍ଚିତ ହୋଇଯିବ ଓ ବିଜୟ ବ୍ୟବଧାନ ବି ବଢ଼ିଯିବ । ପଦ୍ମପୁର, ସୁନ୍ଦରଗଡ଼, ବୀରମିତ୍ରପୁର, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ରେଙ୍ଗାଲୀ, ରେଢ଼ାଖୋଲ, ଦେବଗଡ଼, ଘସିପୁରା, ଆନନ୍ଦପୁର, ଚମ୍ପୁଆ,

ଜଳେଶ୍ୱର, ଭୋଗରାଇ, ବସ୍ତା, ସୋରୋ, ଭଣ୍ଡାରୀପୋଖରୀ, ବାସୁଦେବପୁର, ଚାନ୍ଦବାଲି, ବିଞ୍ଝାରପୁର, ବରି, ଯାଜପୁର, ତାଳଚେର, ଆଠମଲ୍ଲିକ, ସୋନପୁର, ବଲାଙ୍ଗୀର, ଖରିଆର, ଡାବୁଗାଁ, ଲାଞ୍ଜିଗଡ଼, ଜୁନାଗଡ଼, ଭବାନୀପାଟଣା, ନର୍ଲା, ବାଲିଗୁଡ଼ା, ଜି.ଉଦୟଗିରି, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, ସାଲେପୁର, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ଡିଓ୍ୱୋଲ, ବାଲିକୁଦା-ଏରସମା, କାକଟପୁର, ପୁରୀ, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର ଉତ୍ତର, ଜଟଣୀ, ବେଗୁନିଆ, ଦଶପଲ୍ଲା, ନୟାଗଡ଼, ସାନଖେମୁଣ୍ଡି, ହିଞ୍ଜିଳି, ମୋହନା, ପାରଳାଖେମୁଣ୍ଡି, ଗୁଣୁପୁର, ରାୟଗଡ଼ା, ବିଷମକଟକ, ଲକ୍ଷ୍ମୀପୁର, ଜୟପୁର, ପଟାଙ୍ଗୀ ଓ ଚିତ୍ରକୋଣ୍ଡା ଆସନରେ ବିଜୟ ସମ୍ଭାବନା ଉଜ୍ଜ୍ୱଳ ରହିଛି । ଅବଶ୍ୟ, ୧୧ ବିଧାୟକ ଏବେ ବିଜେଡ଼ି ଓ କଂଗ୍ରେସରୁ ନିଲମ୍ବିତ ହୋଇଥିବାରୁ ସେଠାରେ କିଛି ଓଲମବିଲମର ଆଶଙ୍କା ରହିଛି ।

ଅପରପକ୍ଷରେ ବିଜେଡ଼ି ଓ କଂଗ୍ରେସ ଭୋଟ୍ ମିଶିଲେ ବିଜେପୁର, ବରଗଡ଼, ଝାରସୁଗୁଡ଼ା, ତଳସରା, ରଘୁନାଥପଲ୍ଲୀ, ସମ୍ବଲପୁର, ତେଲକୋଇ, କେନ୍ଦୁଝର, ସାରସକଣା, ରାଇରଙ୍ଗପୁର, ଉଦଳା, ଭଦ୍ରକ, ବଡ଼ଚଣା, କୋରେଇ, ବୀରମହାରାଜପୁର, ଲୋଇସିଂହା, ପାଟଣାଗଡ଼, ଟିଟିଲାଗଡ଼, କଣ୍ଟାବାଞ୍ଜି, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଧର୍ମଗଡ଼, ଫୁଲବାଣୀ, କନ୍ଧମାଳ, ବୌଦ୍ଧ, ନିଆଳି, କଟକସଦର, ନିମାପଡ଼ା, ଏକାମ୍ର-ଭୁବନେଶ୍ୱର, କୋଟପାଡ, କୋରାପୁଟ, ମାଲକାନଗିରିରେ ବିଜେପି ଗଡ଼ିପଡ଼ିବ । ଅବଶ୍ୟ ଆଉ ଟିକେ ଗଭୀର ଅନୁଶୀଳନ କଲେ, ବିଜେପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ତେଲକୋଇ, କେନ୍ଦୁଝର, ସାରସକଣା, ବଡ଼ଚଣା, କୋରେଇ, ବୀରମହାରାଜପୁର, ଟିଟିଲାଗଡ଼, କନ୍ଧମାଳ, ନିଆଳି. କଟକସଦର, ନିମାପଡ଼ା, ଏକାମ୍ର-ଭୁବନେଶ୍ୱର ଭଳି ଆସନରେ ବିଶେଷକିଛି ଫରକ ପଡ଼ିବନି । କାହିଁକିନା ଏସବୁ ଆସନରେ ବିଜେଡ଼ି ଓ କଂଗ୍ରେସ ମିଶିଲେବି ବିଜେପି ଠାରୁ ବେଶୀ ଅଧିକ ନାହିଁ । କିଛି ଆସନରେ ବିଜେପି ଠାରୁ ସେମାନେ ହଜାରେ ଭିତରେ ଆଉ କିଛି ଆସନରେ ୫ ହଜାର ଭିତରେ ରହିଛି । ଯାହାକି ବଡ଼ ବିପଦ ନୁହେଁ ।

କିଛି ରାଜନୀତିକ ସମୀକ୍ଷକ ଓ ଦଳୀୟ ନେତା ଯୁକ୍ତି ବାଢ଼ିପାରନ୍ତିଯେ, ଡବଲ ଇଞ୍ଜିନର ବିକାଶ ପାଇଁ ଭୋଟ୍ ବଢ଼ିଲେ ବି କିଛି ଆସନରେ ବିଜେପି ବିରୋଧୀ ଠାରୁ ଭାରି ପଡ଼ିବ । ଏଭଳି ସ୍ଥିତିରେ ଆଉ ଏକ ଅଙ୍କକୁ ବି ଅଣଦେଖା କରାଯାଇପାରିବ ନାହିଁ । ସେହି ଅଙ୍କଟି ହେଉଛି, ଗତ ୨୦୨୪ ନିର୍ବାଚନରେ ଅନେକ ବିଜେଡ଼ି ନେତା ନିଜ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଗାତ ଖୋଳିଥିଲେ । ନିଜ ଦଳର ନେତାଙ୍କୁ ହରାଇବା ପାଇଁ ବିଜେପିକୁ ଭୋଟ୍ ମଡ଼ାଇ ଦେଇଥିଲେ । ସିମୁଳିଆ ବା କୋରେଇର ସ୍ଥିତିକୁ ଉଦାହରଣ ଭାବେ ନେଲେ ପାଠକେ ବୁଝିପାରିବେ । କିନ୍ତୁ ଦଳ ହାରିବା ପରେ ଗୋଛିକଟା ରାଜନୀତିରେ ମାତିଥିବା ବିଜେଡ଼ି ନେତାମାନେ ଭୁଲ ବୁଝି ସାରିଛନ୍ତି । ଏକାଠି ଲଢ଼ିବାର ଆବଶ୍ୟକତା ଅନୁଭବ କରିଛନ୍ତି । ବିଜେଡ଼ି ଓ କଂଗ୍ରେସ ଏକାଠି ହେଲେ ଜିତିବାର ସମ୍ଭାବନା ନିହାତି ଭାବେ ବଢ଼ିବ । ଫଳରେ ଭାସମାନ ଭୋଟର ମଧ୍ୟ ମେଣ୍ଟ ଆଡ଼କୁ ବଢ଼ିବେ । ୨୦୦୦ ବିଧାନସଭା ନିର୍ବାଚନରେ ଏମିତି ସ୍ଥିତି ଦେଖିବାକୁ ମିଳିଥିଲା । ଏସବୁ ଅଙ୍କକୁ ଦେଖିଲେ, ବିଜେଡ଼ି ଓ କଂଗ୍ରେସର ମେଣ୍ଟ ସମ୍ଭାବନା ବିଜେପି ପାଇଁ ସତର୍କ ଘଣ୍ଟି ।

ଅପରପକ୍ଷରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ବି ଏହା ଉପରେ ନଜର ରଖିଛନ୍ତି । ବିଜେଡ଼ି ସବୁବେଳେ ଏନ୍‌ଡ଼ିଏ ମେଣ୍ଟରେ ରହି ଆସିଛି । ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ବିଜେଡ଼ି ଦିଲ୍ଲୀରେ ବିଜେପିକୁ ସମର୍ଥନ କରିଥିବାର ଅନେକ ନଜିର ରହିଛି । ସେହିପରି ମୋଦିଙ୍କ ସ୍ୱପ୍ନ ଥିଲା କଂଗ୍ରେସ ମୁକ୍ତ ଭାରତ । ଓଡ଼ିଶାରେ କଂଗ୍ରେସ ଏବେ ତଳକୁ ତଳ ଖସୁଥିବାବେଳେ ବିଜେଡ଼ିର ବଳ ମିଳିଲେ କଂଗ୍ରେସ ମଜବୁତ୍ ହେବା ନିଶ୍ଚିତ । ତେଣୁ ଓଡ଼ିଶାରେ କଂଗ୍ରେସ ମଜବୁତ ହେଉ ବୋଲି ବିଜେପି ଆଦୌ ଚାହିଁବ ନାହିଁ । ଏଭଳି କ୍ଷେତ୍ରରେ ବିଜେଡ଼ିକୁ ବି ସେମାନେ ନିଜ ଆଡ଼କୁ ମନେଇବାକୁ ପ୍ରୟାସ କରିପାରନ୍ତି । ଗାଏମୋଟ୍ କହିଲେ ଏବେ ବିଜେଡ଼ି ପାଇଁ ସଶକ୍ତ ହେବାର ଭଲ ସୁଯୋଗ ରହିଛି । ୨୦୨୯ରେ କଂଗ୍ରେସ ସହ ମେଣ୍ଟ ହେଉ କି ବିଜେପି ସହ, ବିଜେଡ଼ି ପାଇଁ ଉଭୟ ଲାଭଦାୟକ । ତେବେ ରାଜନୀତିର ଗତି ସବୁବେଳେ ବଦଳେ । ଆଗାମୀ ଦିନରେ ନୂଆ ଦଳ ବି ଗଢ଼ାହେବା ନେଇ ଉଦ୍ୟମ ଆରମ୍ଭ ହୋଇଛି । ଏସବୁ ଭିତରେ ଗୋଟିଏ ପ୍ରଶ୍ନ ସମସ୍ତଙ୍କୁ ଆନ୍ଦୋଳିତ କରୁଛି । ବିଜେଡ଼ି-କଂଗ୍ରେସ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକାଠି ହେବେ ନା ପରେ । ଅବଶ୍ୟ ଏ ନିଷ୍ପତ୍ତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଏଆଇସିସି ନେବେ । କିନ୍ତୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ଦୁଇ ଦଳ ମେଣ୍ଟ କରିବେ ତେବେ ବିଶେଷ ଫାଇଦା ପାଇବେ ନାହିଁ । ଯଦି ସେମାନେ ସଫଳ ହେଲେ ବିଜେପି ସତର୍କ ହୋଇଯିବ ଏବଂ କେଉଁ ସ୍ଥାନରେ ବିରୋଧୀ ମଜବୁତ୍ ସେଠାରେ ଭୋଟ୍ ଭାଙ୍ଗିବାକୁ ଚେଷ୍ଟା କରିବ । ତେଣୁ ବିଜେପିକୁ ଦ୍ୱନ୍ଦ୍ୱରେ ରଖିବା ପାଇଁ ଉଭୟ ଦଳ ଅଲଗା ଅଲଗା ଲଢ଼ି ପଞ୍ଚାୟତ ପରେ ଏକାଠି ହେଲେ ଲାଭ ପାଇପାରନ୍ତି ବୋଲି କୁହାଯାଇପାରିବ ।

# ଷ୍ଟାଲିନଙ୍କ ପାଇଁ ବଡ଼ ପରୀକ୍ଷା



୨୦୧୮ରେ ତାମିଲନାଡୁ ରାଜନୀତିର ସବୁଠାରୁ ବଡ଼ ଚେହେରା ଏମ୍. କରୁଣାନିଧିଙ୍କ ପରଲୋକ ହୋଇଗଲା । ଏହା ପୂର୍ବରୁ ଅର୍ଥାତ୍ ୨୦୧୬ରେ ଏଆଇଡ଼ିଏମକେ ନେତ୍ରୀ ଜୟଲଳିତା ଆରପାରିକୁ ଚାଲି ଯାଇଥିଲେ । କରୁଣାନିଧିଙ୍କ ଅବର୍ତ୍ତମାନରେ ଷ୍ଟାଲିନଙ୍କ ନେତୃତ୍ୱରେ ୨୦୨୧ ନିର୍ବାଚନ ପାର୍ ହୋଇଥିଲା ଡିଏମକେ । ଇତିମଧ୍ୟରେ ତାଙ୍କ ଶାସନର ୫ ବର୍ଷ କାର୍ଯ୍ୟକାଳ ପୂରିଯାଇଛି । ୨୦୨୬ ତାଙ୍କ ପାଇଁ ଆଉ ଏକ ପରୀକ୍ଷା । ଏହି ନିର୍ବାଚନରେ ବାଜିମାତ୍ କଲେ ତାମିଲନାଡୁ ରାଜନୀତିରେ ପ୍ରକୃତ ଷ୍ଟାଲିନ୍ ଯୁଗ ଆରମ୍ଭ ହେବ ।

## ଷ୍ଟାଲିନଙ୍କ ରଣନୀତି

ଷ୍ଟାଲିନ୍ ତାଙ୍କ କାର୍ଯ୍ୟକାଳରେ ପୁରୁଣା 'ଡ୍ରାଭିଡ଼ିଆନ୍ ମଡ଼େଲ୍'କୁ ଆପଣାଇଥିଲେ । ଯାହାକୁ ସାଧାରଣତଃ ଲୋକମାନେ ଗ୍ରହଣ କରନ୍ତି । ଏଥର ଡିଏମକେର ୧୬୪ ପ୍ରାର୍ଥୀଙ୍କ ମଧ୍ୟରେ ୬୦ ହେଉଛନ୍ତି ନବାଗତ । ପ୍ରଭାବହୀନ ମନ୍ତ୍ରୀମାନଙ୍କ ଟିକେଟ୍ ବି କାଟିଦେଇଛନ୍ତି । ସେହିପରି ସିପିଆଇ, ସିପିଆଇଏମ, କଂଗ୍ରେସ, ଡିଏମଡ଼ିକେ, ଭିସିକେ ଓ ପୂର୍ବତନ ଏଆଇଡ଼ିଏମକେ ମୁଖ୍ୟମନ୍ତ୍ରୀ ପନିର ସେଲଭମଙ୍କୁ ପାଇବା ପରେ ତାଙ୍କର ସ୍ଥିତି ମଜବୁତ୍ ଥିବା ରାଜନୀତିକ ସମୀକ୍ଷକମାନେ ମତପୋଷଣ କରନ୍ତି । ସେପଟେ ତାମିଲନାଡୁ ବନାମ ଦିଲ୍ଲୀ ରାଜନୀତି ହେଉଛି ବୋଲି ସେ ନ୍ୟାରେଟିଭ୍ ତିଆରି କରିଛନ୍ତି । 'ଭାଇବ ଓ୍ୱିଥ୍ ଏମକେଏସ' ନାରା ଦେଇ ସେ ଜେନ-ଜି ଗ୍ରୁପ ପାଖରେ ପହଁଚିବାର ବି ପ୍ରୟାସ କରୁଛନ୍ତି ।

## ଆହ୍ୱାନ

ପଶ୍ଚିମ ତାମିଲନାଡୁର କୋଙ୍ଗୁ ଅଞ୍ଚଳରେ ଏଆଇଡ଼ିଏମକେ କାୟା ବିସ୍ତାର କରିଛି । ସଂଗଠନକୁ ମଜବୁତ୍ କରିଛି । ସେପଟେ ବିଜେପି ସହ ମଧ୍ୟ ମେଣ୍ଟ ହୋଇଛି । ଏହାଛଡ଼ା ଏଏମଏମକେ, ଅମ୍ବୁମଣି ରାମଦୋସଙ୍କ ପିଏମକେ ବି ସେହି ମେଣ୍ଟରେ ରହିଛି ।

## କାହାର କେତେ ଦମ୍

କୋଙ୍ଗୁନାଡୁ/ପଶ୍ଚିମ ଅଞ୍ଚଳରେ ୫୭ ଆସନ ଥିବାବେଳେ ସେଠାରେ ଗାଉଣ୍ଡର ବର୍ଗର ଲୋକମାନେ ଅଧିକ ଅଛନ୍ତି । ସେଠାରେ ଏଆଇଡ଼ିଏମକେ ମଜବୁତ୍ ରହିଛି । ତେବେ ଉତ୍ତରାଞ୍ଚଳର ୭୨ ଆସନରେ ବଣିୟାର, ଦଳିତ ଥିବାବେଳେ ସେଠାରେ ଡିଏମକେର ପଲା ଭାରି ରହିଛି । ସେହିପରି ବଣିୟାର, ଗାଉଣ୍ଡର, ଏସି ବର୍ଗ ଅଧ୍ୟୁଷିତ କାବେରୀ ଡେଲଟାରେ ବି ଡିଏମକେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି । ସେଠାରେ ରହିଛି ୩୮ ବିଧାନସଭା ଆସନ । ଯେତେବେଳେକି ଦକ୍ଷିଣ ଅଞ୍ଚଳର ୪୮ ଆସନରେ ଥେଭାରଙ୍କ ଦବଦବା ଥିବାରୁ ଡିଏମକେର ବି ଦବଦବା ରହିଛି ।

# ହିମନ୍ତଙ୍କ ହିମ୍ମତ

**ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିର୍ବାଚନୀ ବୈତରଣୀ ପାର କରିବା ପାଇଁ ୫ ଯୋଜନା ଉପରେ ବେଶୀ ଭରସା କରିଛନ୍ତି । ଯାହାକୁ ହିମନ୍ତଙ୍କ ହିମ୍ମତ ବୋଲି କହିଲେ ଭୁଲ୍ ହେବନି ।**



## ବାବୁ ଆସୋନି

ଅବିବାହିତ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆସାମ ସରକାର ମୁଖ୍ୟମନ୍ତ୍ରୀ ନିଯୁତ ବାବୁ ଆସୋନି ଯୋଜନାରେ ମାସିକ ବୃତ୍ତି ପ୍ରଦାନ କରୁଛନ୍ତି । ଅଣ୍ଡର ଗ୍ରାଜୁଏଟ୍ ପଢୁଥିବା ପିଲାଙ୍କୁ ମାସିକ ୧ ହଜାର ଓ ପୋଷ୍ଟ ଗ୍ରାଜୁଏଟ୍ ପଢୁଥିବା ପିଲାଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି ।

## ନିଯୁତ ମୋଇନା

ଏହି ଯୋଜନାରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ସମସ୍ତ ଅବିବାହିତ ଝିଅଙ୍କୁ ମାସିକ ବୃତ୍ତି ପ୍ରଦାନ କରାଯାଉଛି ।

## ଓରୁନୋଦୋଇ

ମହିଳାମାନଙ୍କୁ ଔଷଧ, ଡାଲି ଓ ପନିପରିବା କିଣିବା ପାଇଁ ଆସାମ ସରକାର ମାସିକ ୧୨୫୦ ଟଙ୍କାର ସହାୟତା ପ୍ରଦାନ କରୁଛନ୍ତି। ରାଜ୍ୟର ୩୮ ଲକ୍ଷ ମହିଳା ଏହି ଯୋଜନାରେ ସାମିଲ୍ ହୋଇଛନ୍ତି । ଡିବିଟି ମାଧ୍ୟମରେ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯାଉଛି । ଗରିବ ପରିବାରର ମହିଳା ମୁଖ୍ୟ ହେଉଛନ୍ତି ଯୋଜନାର ହିତାଧିକାରୀ। ନିର୍ବାଚନ ପରେ ମହିଳାଙ୍କୁ ଏହି ଯୋଜନାରେ ମାସିକ ୩ ହଜାର ମିଳିବ । ଆହୁରି ୧୫ ଲକ୍ଷ ହିତାଧିକାରୀ ଯୋଜନାରେ ସାମିଲ୍ ହେବେ ।

## ବିହୁ ଉପହାର

ବିହୁ ଉପହାର ଭାବେ ଆସାମ ସରକାର ମାର୍ଚ୍ଚରେ 'ଓରୁନୋଦୋଇ' ଯୋଜନାର ହିତାଧିକାରୀଙ୍କୁ ଏକାବେଳେ ୯ ହଜାର ଟଙ୍କା ପ୍ରଦାନ କଲେ । ୧୨୫୦ ଟଙ୍କା ହିସାବରେ ୪ ମାସ ପାଇଁ ୫ ହଜାର ଓ ବିହୁ ଉପହାର ଭାବେ ୪ ହଜାର ଟଙ୍କା ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ଉଦ୍ୟମିତା ଅଭିଯାନ

ରାଜ୍ୟର ୨୮.୫ ଲକ୍ଷ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍ୟମିତା ଯୋଜନାରେ ସହାୟତା ପ୍ରଦାନ କରାଯାଇଛି । ଏହି ଯୋଜନାରେ ଏସଏଚଜି ମହିଳାଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ୩ ବର୍ଷ ପାଇଁ ୮୫ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି । ଏହି ବର୍ଷ ଲକ୍ଷ ଲକ୍ଷ ମହିଳାଙ୍କୁ ୧୦ ହଜାର ଟଙ୍କାର ପ୍ରାରମ୍ଭିକ ସହାୟତା ମିଳିଛି । ଦ୍ୱିତୀୟ ପର୍ଯ୍ୟାୟରେ ୨୫ ହଜାର ଟଙ୍କା ଲେଖାଏଁ ମିଳିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଛି ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ସ୍ମୃତି ଇରାନୀ ୨.୦ ଲୋଡ଼ିଂ...

## ମୋଦିଙ୍କୁ ବିରୋଧ କରି ଭୁଲ୍ ମାଗିଥିଲେ

ପ୍ରାୟ ଏକ ଦଶନ୍ଧି ଧରି ବିଜେପି ରାଜନୀତିର ଆଗଧାଡ଼ିର ନେତ୍ରୀ ଥିଲେ ସ୍ମୃତି ଇରାନୀ । ସଂସଦରେ ଦମଦାର ଭାଷଣ ଦେବାରେ ବି ମାହିର । ସୁଷମା ସ୍ୱରାଜଙ୍କ ପରେ ସେ ଥିଲେ ବିଜେପିର ଫାୟାରବ୍ରାଣ୍ଡ ନେତ୍ରୀ । କିନ୍ତୁ ୨୦୨୪ ନିର୍ବାଚନ ପରେପରେ ଆଉ ଇରାନୀଙ୍କୁ ଦେଖିବାକୁ ମିଳିନଥିଲା । ସେ ଦଳ ଛାଡ଼ିନଥିଲେ କି ତାଙ୍କୁ ଦଳ ବି ଛାଡ଼ିନଥିଲା । ତଥାପିବି କ'ଣ ହୋଇଥିଲା କେଜାଣି ସ୍ମୃତି ଆଉ ଆଗଭଳି ବିଜେପି ରାଜନୀତିରେ ସକ୍ରିୟ ନଥିଲେ । ଏନେଇ ଅନେକ କଥା ଗଣମାଧ୍ୟମରେ ପ୍ରକାଶ ପାଇଛି । କିନ୍ତୁ ଏହି ରହସ୍ୟ ଉନ୍ମୋଚିତ ହୋଇପାରିନି ।

ରାଜନୀତି ଅପେକ୍ଷା ଟେଲିଭିଜନରେ ସ୍ମୃତି ବେଶ୍ ଚର୍ଚ୍ଚିତ ଥିଲେ । ସ୍ମୃତି ଇରାନୀଙ୍କ କ୍ୟୁଁକି ସାସ ଭି କଭି ବହୁ ଥି-୨ ଆଜିକା ଦିନରେ ଚର୍ଚ୍ଚିତ ସିରିୟଲ । ଟିଆରପିରେ ବି ଅନେକ ବଡ଼ ବଡ଼ ସିରିୟଲକୁ ପଛରେ ଛାଡ଼ିଦେଇଛି । ଖାଲି ସେତିକିନୁହେଁ, ଗୋଟିଏ ଏପିସୋଡ଼କୁ ୧୪ ଲକ୍ଷ ଟଙ୍କା ନେଇ ସେ ଏକ ରେକର୍ଡ଼ ବି ସୃଷ୍ଟି କରିଛନ୍ତି। କିନ୍ତୁ ହଠାତ୍ ଏବେ ସ୍ମୃତି ଇରାନୀ ବିଜେପିର ତାରକା ପ୍ରଚାରକ ପାଲଟି ଯାଇଛନ୍ତି। କେରଳ, ଆସାମ, ପଶ୍ଚିମବଙ୍ଗରେ ସେ ଘନଘନ ଗସ୍ତ କରି ଚର୍ଚ୍ଚା ସୃଷ୍ଟି କରିଛନ୍ତି। ନିଜସ୍ୱ ଢଙ୍ଗରେ ବିରୋଧୀଙ୍କୁ ବି ଧୋଉଛନ୍ତି ।



ଯାହାକୁ ଦେଖି ଅନେକ କହୁଛନ୍ତି ସ୍ମୃତି ଇରାନୀ ୨.୦ ଲୋଡ଼ିଂ ।

ଏସବୁ ଭିତରେ ୨୦୦୪ ମସିହାର ଗୋଟିଏ ଘଟଣା ମନେ ପଡ଼ିଯାଏ। ଅଟଳ ବିହାରୀ ବାଜପେୟୀ ସରକାରର ପତନ ଘଟିଥାଏ। ସୁରଟରେ ଏକ ସୋ'ରୁମ୍ ଉଦଘାଟନ ପାଇଁ ଯାଇଥା'ନ୍ତି ସ୍ମୃତି। ସେଠାରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ସେ କହିଥିଲେଯେ, ମୋଦିଙ୍କ ପାଇଁ ବାଜପେୟୀଜୀ ହାରିଗଲେ । ଗୁଜୁରାଟ ଗୋଧ୍ରା କାଣ୍ଡରେ ଯଦି ମୋଦି ଇସ୍ତଫା ଦେଇଥା'ନ୍ତେ ତେବେ ଆଜି ବିଜେପି ସରକାରର ଥାଆନ୍ତା। ଏମିତିକି ଡିସେମ୍ବର ୨୫, ଅର୍ଥାତ୍ ବାଜପେୟୀଙ୍କ ଜୟନ୍ତୀରେ ସେ ଯଦି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନଦିଅନ୍ତି ତେବେ ସେ ଅନଶନ କରିବେ ବୋଲି କହି ଚର୍ଚ୍ଚା ସୃଷ୍ଟି କରିଥିଲେ। ଗୁଜୁରାଟରେ ସେ ପର୍ଯ୍ୟନ୍ତ କୌଣସି ନେତା କି ନେତ୍ରୀ ମୋଦିଙ୍କ ବିରୋଧରେ ମୁହଁ ଖୋଲିନଥିଲେ। ଦଳ ବି ଏହାକୁ ଗୁରୁତର ସହ ଗ୍ରହଣ କରିଥିଲା। ଶେଷରେ ସ୍ମୃତି ଇରାନୀ ଏଭଳି ବିବୃତ୍ତିକୁ ନେଇ ଭୁଲ୍ ମାଗିବାକୁ ବାଧ୍ୟ ହୋଇଥିଲେ। ପରେ ଘଟଣାଚକ୍ରରେ ମୋଦିଙ୍କ ସହ ସାକ୍ଷାତବେଳେ ସମସ୍ତଙ୍କ ସାମ୍ନାରେ ସେ ପାଦ ସ୍ପର୍ଶ କରିବାର ଚିତ୍ର ଦେଖିବାକୁ ମିଳିଥିଲା। ମୋଦି ଜାତୀୟ ରାଜନୀତିକୁ ଆସିବା ପରେ ସ୍ମୃତି ତାଙ୍କର ଅନୁଗତ ପାଲଟି ଯାଇଥିଲେ। ୨୦୧୪ରେ ମୋଦିଙ୍କ ସରକାରରେ ସେ ଏଚଆରଡ଼ି ମନ୍ତ୍ରୀ ବି ହୋଇଥିଲେ। ରାହୁଲ ଗାନ୍ଧୀଙ୍କୁ ବି ପରବର୍ତ୍ତୀ ନିର୍ବାଚନରେ ହରାଇ ଚର୍ଚ୍ଚା ସୃଷ୍ଟି କରିଥିଲେ । ହେଲେ ୨୦୨୪ରେ ଆମେଥିରୁ ହାରିବା ପରେ ରହସ୍ୟଜନକ ଭାବେ ସ୍ମୃତି ପାୱାରଲେସ୍ ହୋଇଯାଇଥିଲେ।

**ଅଢ଼େଇ ଦଶନ୍ଧି ଧରି କୋରାପୁଟ ରାଜନୀତିକୁ ହାତମୁଠାରେ ରଖିଛନ୍ତି ତାରା ବାହିନୀପତି । ବିଜେଡ଼ି ସରକାରରେ ଥାଉ କି ବିଜେପି, କୋରାପୁଟ ହେଉକି ଜୟପୁର, ତାରାଙ୍କ ବିଜୟ ଯାତ୍ରା କିନ୍ତୁ ଜାରିରହିଛି । ରାଜରାସ୍ତାରୁ ନେଇ ବିଧାନସଭା ଯାଏଁ କମ୍ପମାନ କରିବାରେ ସେ ମାହିର । କଥାରେ ବାଟୁଳି ବାଜେନି, ପୂରା ରୋକଠୋକ୍ କୁହନ୍ତି । ଖାଲି ଭୋଟର ନୁହଁନ୍ତି, ତାରାଙ୍କୁ ନିଜ ଦଳର ବିଧାୟକମାନଙ୍କ ସହ ବିରୋଧୀ ଅବା ଶାସକ ଦଳର ବିଧାୟକମାନେ ବି ଭଲପାଆନ୍ତି । କଂଗ୍ରେସରୁ ଅନେକ ପାଇଛନ୍ତି ତଥାପିବି ଗୋଚ୍ଛିକଟା ଓ ଦାଓପେଞ୍ଚ ରାଜନୀତି ପାଇଁ ହକରୁ ବଞ୍ଚିତ ହୋଇଛନ୍ତି । ତଥାପି ଭାଲୁ ନିଧଡ଼କ । ଅସୁସ୍ଥ ତାରାଙ୍କ ସହ 'ଗର୍ବିତ ଓଡ଼ିଆ'ର କେଇପଦ କଥା ।**

# କଂଗ୍ରେସକୁ ସର୍ବସ୍ୱାନ୍ତ କରିଛନ୍ତି ନବୀନ



**? ଗର୍ବିତ ଓଡ଼ିଆ : ଏବେ ଦେହପା' କେମିତି ଅଛି ?**

ତାରା : ଅସୁସ୍ଥ ଥିଲି, ଏବେ ବହୁତ ସୁସ୍ଥ ହୋଇସାରିଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପା ଓ ଅନେକ ଲୋକଙ୍କ ସ୍ନେହ ରହିଛି । ଅନେକ ଲୋକ ମୋର ସୁସ୍ଥତା କାମନା କରି ମନ୍ଦିରରେ ଦୀପ ଦେଇଥିଲେ, ଠାକୁରଙ୍କୁ ଡାକିଥିଲେ, ମୁଁ ଆପଣଙ୍କ ଜରିଆରେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ।

**? ଆପଣ ଏବେ ଦିଲ୍ଲୀ ଯାଇଥିଲେ । ବିଧାୟକ ଦଳ ନେତା ହେବାକୁ ଆପଣ କୁଆଡ଼େ ମେଳି କରିଥିଲେ । ଭକ୍ତ ଦାସଙ୍କ ସମର୍ଥନ ବି ରହିଥିଲା ।**

ଦେଖନ୍ତୁ, ଗଣମାଧ୍ୟମରେ ଯେଉଁସବୁ ଚର୍ଚ୍ଚା ହେଉଛି ତାହାର ସେମିତି କିଛି ଆଧାର ନାହିଁ । ମୋର ଦେହ ଅସୁସ୍ଥ ଥିବାରୁ ଚେକ୍ ଅପ୍ ପାଇଁ ଦିଲ୍ଲୀ ମେଡିକାଲ ଯାଇଥିଲି । ସେଠାରେ ଅନ୍ୟ ବିଧାୟକମାନଙ୍କ ସହିତ ଦେଖାହେଲା । ସେମାନେ କହିଲେ, ଆମେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟିବା । ରାଜ୍ୟସଭା ନିର୍ବାଚନ ସମୟରେ ଖଡ଼ଗେଙ୍କ ସହ ବାଙ୍ଗାଲୋରରେ ବିଧାୟକମାନଙ୍କର ସାକ୍ଷାତ ଆଲୋଚନା ହୋଇଥିଲା । କଂଗ୍ରେସକୁ ଭୋଟ ଦେବାକୁ କଥା ଦେଇଥିଲେ । କଥା ରଖିଥିବାରୁ ଭେଟିବାକୁ ଚାହୁଁଥିଲେ । ତେଣୁ ଆମେ ସମସ୍ତେ ଏକାଠି ଯାଇ ଖଡ଼ଗେ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ଭେଟିଛୁ ।

**? କଂଗ୍ରେସର ୧୪ରୁ ୧୧ ବିଧାୟକ ଦିଲ୍ଲୀ ଗଲେ । ଆଉ ୩ ଜଣଙ୍କର ବିମାନ ଟିକେଟ୍ କନଫର୍ମ ହୋଇପାରିଲାନି ନା ରାମଚନ୍ଦ୍ର କାଡାମଙ୍କ ଯାଗାରେ ତାରାଙ୍କୁ ବସାଇବା ପାଇଁ ଗୁପ୍ତ ଯୋଜନା ହୋଇଥିଲା ?**

କଂଗ୍ରେସରେ ସବୁ ବିଧାୟକ ମତେ ଭଲପାଆନ୍ତି । ମୁଁ ଯଦି ବିଧାୟକ ଦଳର ନେତା ହେବାକୁ ଇଚ୍ଛା କରିଥାନ୍ତି, ତେବେ କ'ଣ ଅଢ଼େଇ ବର୍ଷ ଅପେକ୍ଷା କରିଥାନ୍ତିକି? ସବୁ ବିଧାୟକମାନଙ୍କୁ ନେଇ ଆରମ୍ଭରୁ ହିଁ ଦିଲ୍ଲୀ ଯାଇଥାନ୍ତି । କାଡାମଙ୍କୁ ହଟାଇବା ପାଇଁ ମୋର କେବେ କୌଣସି ଯୋଜନା ନଥିଲା କି ଏବେ ବି ନାହିଁ ।

**? ଏବେ ଚର୍ଚ୍ଚା ହେଉଛି ବିଜେଡ଼ି-କଂଗ୍ରେସ ଭାଇଭାଇ । ଆଗାମୀ ଦିନରେ ମେଣ୍ଟ ହେଲେ କଂଗ୍ରେସ କେତେ ଫାଇଦାରେ ରହିବ ?**

> **ବିଜେଡ଼ି-କଂଗ୍ରେସ ଏକାଠି ହେବା ଜରୁରୀ**

ବିଜେଡି-କଂଗ୍ରେସ ମଧ୍ୟରେ ପ୍ରସଙ୍ଗଭିତ୍ତିକ ବୁଝାମଣା ହୋଇଛି । ନିର୍ବାଚନ ବେଳେ କ'ଣ ହେବ ଏବେଠୁ କହିହେବ ନାହିଁ । ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମାଣ କରିଦେଲେ, ସେ ଯାହା ଚାହାଁନ୍ତି ସେଇଆ କରନ୍ତି । ବିଜେଡ଼ି-କଂଗ୍ରେସ ଏକାଠି ରାଜ୍ୟସଭା ନିର୍ବାଚନ ଲଢ଼ନ୍ତୁ ବୋଲି ସେ ଚାହୁଁଥିଲେ ଆଉ କରି ଦେଖାଇଲେ । କଟକରେ ୧୩ ଜଣ ଲୋକ ଏସ୍‌ସିବିରେ ମରିଗଲେ । ଆମେ ବିଜେଡି-କଂଗ୍ରେସ ଏକାଠି ଲଢ଼ିଛୁ । ଭବିଷ୍ୟତରେ ଏଭଳି ଯଦି କିଛି ଘଟଣା ଘଟେ, ତେବେ ରାଜ୍ୟର ସ୍ୱାର୍ଥ ପାଇଁ କଂଗ୍ରେସ ଏକାକୀ ନିଶ୍ଚିତ ଲଢ଼ିବ । ବିଜେଡି ଆମ ସହିତ ମିଶିକି ଲଢ଼ିଲେ ଲଢ଼ିବ, ନହେଲେ ସେ ପଛରେ ପଡିଯିବ ତାଙ୍କର ଇଚ୍ଛା ।

**? ବିଜେଡି-କଂଗ୍ରେସ ଭିତରେ ନୂଆ ନୂଆ ପ୍ରେମ ଆରମ୍ଭ ହୋଇଯାଇଛି । ଏହା ବଢ଼ିବ ନା ଛିଡ଼ିଯିବ ? ଆଜିକା ଦିନରେ କଂଗ୍ରେସର ଏମିତି ସ୍ଥିତି ପାଇଁ ନବୀନ ହିଁ ଦାୟୀ ?**

> **କଂଗ୍ରେସର ବିଜେଡି ପ୍ରତି ପ୍ରେମ ବାସ୍ତବ । କିନ୍ତୁ ବିଜେଡିର ଅନ୍ତରାତ୍ମା କ'ଣ ଚିନ୍ତା କରୁଛି ତାହା ଜଣାନାହିଁ ।**

କଂଗ୍ରେସର ବିଜେଡି ପ୍ରତି ପ୍ରେମ ବାସ୍ତବ । କିନ୍ତୁ ବିଜେଡିର ଅନ୍ତରାତ୍ମା କ'ଣ ଚିନ୍ତା କରୁଛି ତାହା ଜଣାନାହିଁ । ବିଜେଡି ୨୫ ବର୍ଷ କାଳ କଂଗ୍ରେସକୁ ହରାଇ ଆସିଛି । ନବୀନ ପଟ୍ଟନାୟକ କଂଗ୍ରେସକୁ ସର୍ବସ୍ୱାନ୍ତ କରିଛନ୍ତି, ଏକଥା ସତ । ଅତୀତରେ କଂଗ୍ରେସର ଅନେକ ବଡ ନେତାଙ୍କୁ ନବୀନ ନିଜ ଦଳକୁ ନେଇଯାଇଛନ୍ତି । ଏହା ଫଳରେ ବିଜେଡି ଅଧିକ କ୍ଷତିଗ୍ରସ୍ତ ହୋଇଛି । ଯେଉଁସବୁ ସ୍ଥାନରେ କଂଗ୍ରେସର ବଡବଡ ନେତାମାନେ ଦଳ ଛାଡିଛନ୍ତି ସେଠାରେ ବିଜେପି ବଢ଼ିଛି ଓ ଜିତିଛି । ନବୀନ ବାବୁଙ୍କ ପାଇଁ ହିଁ ଅନେକ ଯାଗାରେ ବିଜେପି ଉନ୍ନତି କରିଛି । ଏବେ ବିରୋଧି ଦଳର ଭୋଟକୁ ଏକାଠି କରିବାକୁ ପଡ଼ିବ । ବିଜେଡି,କଂଗ୍ରେସ, ସିପିଆଇ, ସିପିଏମ୍ ଭଳି ୧୦ଟି ଦଳ ମିଶିଛୁ । କିନ୍ତୁ ନିର୍ବାଚନ ବେଳେ ଏକାଠି ଲଢ଼ିବୁ କି ନଲଢ଼ିବୁ କହିହେବନି । ସେତେବେଳେ ପାର୍ଟିର ଶୀର୍ଷ ନେତୃତ୍ୱ ନିଷ୍ପତ୍ତି ନେବେ ।

**? ପାଣ୍ଡିଆନ୍ କୁଆଡେ ବିଜେଡ଼ି-କଂଗ୍ରେସ ମେଣ୍ଟ ହେଉ ବୋଲି ଚାହୁଁନାହାନ୍ତି । ବରଂ ବିଜେପି ସହ ମେଣ୍ଟ ପାଇଁ ସେ ଗୋଟି ଚଳାଉଥିବା ରାଜନୀତିକ ଅଳିନ୍ଦରେ ଚର୍ଚ୍ଚା ହେଉଛି ।**

ପାଣ୍ଡିଆନ୍ ଜଣେ କର୍ମଠ ବ୍ୟକ୍ତି । ୨୦୨୪ରେ ସେ ବହୁ ପରିଶ୍ରମ କରିଥିଲେ କିନ୍ତୁ ଓଡ଼ିଆ ଅସ୍ମିତାରେ ହାରିଗଲେ । ପାଣ୍ଡିଆନ୍ କଂଗ୍ରେସ ପ୍ରେମରେ ଅଛନ୍ତି କି ବିଜେପି ପ୍ରେମରେ ଅଛନ୍ତି ତାହା ମତେ ଜଣାନାହିଁ । ସେ ଜୟପୁର ନିର୍ବାଚନମଣ୍ଡଳୀରେ ପ୍ରଚାର କଲାବେଳେ ତାଙ୍କୁ ଦୂରରୁ ଦେଖିଛି । ନିର୍ବାଚନ ପରେ ଆଉ ମୁଁ ଦେଖିନି ତାଙ୍କୁ । ଦେଖାଯାଉ ସେ କଥା ସମୟ କହିବ ।

> **କାଡାମଙ୍କୁ ହଟାଇବା ପାଇଁ ଯୋଜନା କେବେ ନଥିଲା କି ଏବେ ବି ନାହିଁ।**

**? କଂଗ୍ରେସ ବିଧାୟକଙ୍କ କ୍ରସ୍‌ଭୋଟିଂକୁ ଆପଣ କେଉଁ ଦୃଷ୍ଟିରେ ଦେଖୁଛନ୍ତି ? ଭକ୍ତଙ୍କ ପୁଅ ବି କ୍ରସଭୋଟିଂ କରିଥିବା ନେଇ ରମେଶ ଜେନା ଅଭିଯୋଗ ଆଣିଛନ୍ତି ।**

ଦେଖନ୍ତୁ, ଆମର ପିସିସି ସଭାପତି ଭୁଲ୍ ନିଷ୍ପତ୍ତି ନିଅନ୍ତି ନାହିଁ । ତାଙ୍କେ ଯେତେବେଳେ ନିଷ୍ପତ୍ତି ନେଇଛନ୍ତି ମୁଁ କିଏ କହିବାକୁ । ଭକ୍ତ ଦାସଙ୍କ ପୁଅ ଭୋଟ ଦେବାବେଳେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ ବସିଥିଲେ । ସେ ତାଙ୍କୁ ଦେଖାଇଲେ ଓ ଭୋଟ ଦେଲେ ।

**? ଭକ୍ତଙ୍କ ସହିତ ଆପଣଙ୍କ ସମ୍ପର୍କ ଟିକେ କ୍ରାକ୍ ହୋଇଥିଲା ବୋଲି ପୂର୍ବରୁ ଶୁଣିବାକୁ ମିଳୁଥିଲା, ଏନେଇ କ'ଣ କହିବେ?**

> **ଭକ୍ତ କ୍ରାନ୍ତିକାରୀ ନେତା । ଅନ୍ୟ ପିସିସି ସଭାପତିଙ୍କ ତୁଳନାରେ ସେ ପ୍ରଭାବଶାଳୀ ।**

ମୋର କେତେବେଳେ ବି ଭକ୍ତ ଦାସଙ୍କ ସହିତ ସମ୍ପର୍କ କ୍ରାକ୍ ନଥିଲା । ବରଂ ଯେତେବେଳେ ଅବଜରଭର ଆସିଥିଲେ ମୁଁ ଗୋଟିଏ ଲୋକ କହିଛିଯେ, କଂଗ୍ରେସ ପାଇଁ ଭକ୍ତ ଦାସ ନହେଲେ ଆଉ କେହିପାରିବେ ନାହିଁ । ସେ ହେଉଛନ୍ତି କ୍ରାନ୍ତିକାରୀ ନେତା, ଲଢୁଆ ନେତା । ସେ ପରିଶ୍ରମ କରିଛନ୍ତି, ପଦଯାତ୍ରା କରିଛନ୍ତି, କ'ଣ ହେବ ଭବିଷ୍ୟତ ସେଇଟା ପଛକଥା । ନୂଆପଡାରେ କଂଗ୍ରେସକୁ ୨ ନମ୍ବରକୁ ଆଣିଲେ । ଅନେକ ପିସିସି ସଭାପତିଙ୍କ ତୁଳନାରେ ଭକ୍ତ ଦାସ ଅଧିକ ପ୍ରଭାବଶାଳୀ ।

**? ନୂଆପଡ଼ାରେ ଭକ୍ତ ଉପକୂଳିଆ ନେତାଙ୍କୁ ଅଣଦେଖା କରିଥିଲେ । ସେଥିପାଇଁ ଅନେକ ନେତା କ୍ଷୁବ୍ଧ ଥିଲେ କି ?**

ଉପକୂଳ ନେତା ସବୁ ତ ଯାଇଥିଲେ । କଂଗ୍ରେସ ପାଇଁ ପ୍ରଚାର ବି କରିଛନ୍ତି । କିଏ ଯାଇନାହାନ୍ତି କୁହନ୍ତୁ । ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁର ଭାଇ ସମସ୍ତେ ଯାଇଥିଲେ । ଏମିତି କେହି ନେତା ନାହିଁ ଯିଏ ଯାଇନଥିଲେ । କିନ୍ତୁ ସେଠାରେ ଘର ନଥିବାରୁ ଦୀର୍ଘ ସମୟ ଧରି ରହିବାଟା ବଡ ସମସ୍ୟା ଥିଲା ।

**? ଆପଣଙ୍କ ଦଳରେ ଭିଟାମିନ୍-ଏମ୍ ଟିକେ କମ୍, ସେଥିପାଇଁ ଦଳ ଟିକେ ଦୁର୍ବଳ ହୋଇଯାଇଛି କି?**

ଆଜିକାଲି ବିନା ଭିଟାମିନ୍ ଏମ୍‌ରେ ରାଜନୀତି ଚାଲିବ ନାହିଁ । କଂଗ୍ରେସରେ ଭିଟାମିନ୍ ଏମ୍ ପୂରା ଜିରୋ । ତଥାପିବି ଲଢ଼େଇ ଜାରି ରଖିଛୁ । ଧିରେଧିରେ ଆମେ ଆଗକୁ ବଢୁଛୁ । ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିବ ବୋଲି ଆଶାବାଦୀ ।

**? ମହମ୍ମଦ ମୋକିମ୍ କଂଗ୍ରେସରୁ ବାହାରି ନୂଆ ଆଞ୍ଚଳିକ ଦଳ ଗଠନ କରିଛନ୍ତି । ସେ କହୁଛନ୍ତି କଂଗ୍ରେସ ନେତା ତାଙ୍କ ସହିତ ମିଶିବେ । ସେ କେତେ ସଫଳ ହେବେ ?**

> **ମୋକିମଙ୍କ ଦଳ ବିଜେପିର ବି-ଟିମ୍**

ସେ ହେଉଛନ୍ତି ଭାରତୀୟ ଜନତା ପାର୍ଟିର-ବି ଟିମ୍ । ଭାରତୀୟ ଜନତା ପାର୍ଟିକୁ ଦୃଢ଼ କରିବା ପାଇଁ ଏଇ ନୂଆ ଦଳ ଗଠିତ ହୋଇଛି । ନୂଆ ଦଳର ଲକ୍ଷ୍ୟ ହେଉଛି, କିଛି କଂଗ୍ରେସ ଓ ବିଜେଡି ଭୋଟ୍ କାଟିଲେ ବିଜେପି ଜିତିବ । ଏହା ବିଜେପିର ଗୋଟିଏ ଚାଲ । ତାଙ୍କ ବିରୋଧରେ ବହୁତ ସ୍ୱର ଉଠିଛି । ସେ ନିକଟରେ କୋରାପୁଟ ଯାଇଥିଲେ । ଆମେ ବିଧାୟକମାନେ କୋରାପୁଟ ବିକାଶ କରିନୁଯେ, ସେ କରିଦେବେ । ଏସବୁ ଲୋକ ଦେଖାଣିଆ, ସମୟ ଆସିଲେ ଲୋକେ ସବୁ ବୁଝିଯିବେ ।

**? ଏ ୨ ବର୍ଷର ସରକାରକୁ ଆପଣ କେମିତି ଦେଖୁଛନ୍ତି?**

ଏଠି କ'ଣ ସରକାର ଅଛିକି? ଖାଲି ଯାହା କେବଳ ଗୋଟିଏ ଷ୍ଟ୍ରକଚର ଅଛି । ଯାହା ବିଜେଡ଼ି କରିଥିଲା । ଏମାନେ ଖାଲି ରଙ୍ଗ ବଦଳାଉଛନ୍ତି । ବିକାଶ ଲୋକଙ୍କ ପାଖରେ ପହଁଚୁନି, ଯୁବକ ନିଯୁକ୍ତି ପାଉନାହାନ୍ତି । ମହିଳା ଅସୁରକ୍ଷିତ । ଏମିତି କହିଲେ ରାତି ପାହିଯିବ ।

**? ଆଗକୁ ପଞ୍ଚାୟତ ନିର୍ବାଚନ । ଏହାପରେ ୨୦୨୯ ସାଧାରଣ ନିର୍ବାଚନ, କ'ଣ କହିବେ? ବିଜେଡ଼ିକୁ ଆପଣ ବିଶ୍ୱାସ କରୁଛନ୍ତି ।**

ମୁଁ ବହୁ ଆଗରୁ କହିଛି, ବିଜେଡି ହେଉଛି କାନ୍ଥ ବିଲେଇ । ଯୁଆଡେ ସୁବିଧା ଦେଖିବ, ସିଆଡେ ଡେଇଁବ । ସମୟ କହିବ କ'ଣ ହେବ ? ମୁଁ ତ ବ୍ୟକ୍ତିଗତ ଭାବେ ବିଜୁ ଜନତା ଦଳକୁ ଆଦୌ ବିଶ୍ୱାସ କରେନାହିଁ । କିନ୍ତୁ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ବିରୋଧିଙ୍କ ଭୋଟ୍ ସୁରକ୍ଷା ପାଇଁ ବିଜେଡି କଂଗ୍ରେସ ଏକାଠି ହେବା ଜରୁରୀ ।

ଗର୍ବିତ ଓଡ଼ିଆ

# 'କ୍ଷମତା ଚଉକା' ଲକ୍ଷ୍ୟରେ ମମତା

## ଫିଲ୍ଡ ଟାଇଟ୍ କରିଛି ବିଜେପି



### "ଯତାଇ କରୋ ହମଲା, ଆବାର ଜିତବେ ବାଙ୍ଗଲା"

ପଶ୍ଚିମବଙ୍ଗ ରାସ୍ତାରେ ଟିଏମସି କର୍ମୀମାନେ ଏମିତି ନାରାବାଜି କରି ପ୍ରଚାର କରୁଛନ୍ତି । ପୁଣିଥରେ ଜିତି କ୍ଷମତାର ଚଉକା ମାରିବା ପାଇଁ ମମତା ବାନାର୍ଜୀ ବି ସଂକଳ୍ପବଦ୍ଧ । ସେପଟେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁଭେନ୍ଦୁ ଅଧିକାରୀ ମମତାଙ୍କୁ ହରାଇବା ପାଇଁ ଆଶା ରଖିଛନ୍ତି ।

### ମମତାଙ୍କ ରଣନୀତି

ବିଜେପିକୁ ସେ ବଙ୍ଗାଳୀ-ବିରୋଧୀ ବୋଲି ଚିତ୍ରଣ କରିବା ସହ 'ବଙ୍ଗାଳୀ' ଭାବନାରେ ଭୋଟରଙ୍କୁ ଯୋଡ଼ିବା ପାଇଁ ମମତା ପ୍ରୟାସ କରୁଛନ୍ତି । ସେ ନିଜକୁ ବଙ୍ଗାଳୀ ପ୍ରାଇଡ୍ ବୋଲି ଦର୍ଶାଉଛନ୍ତି । ଏସଆଇଆର ଓ ଭୋଟର କଟିବା ପ୍ରସଙ୍ଗକୁ ସେ ଜୋରଦାର ବିରୋଧ କରିଥିଲେ । ଏମିତିକି ସୁପ୍ରିମକୋର୍ଟରେ ବି ନିଜେ ଲଢ଼ିଥିଲେ । ଏହାଛଡ଼ା 'ଲକ୍ଷ୍ମୀର ଭଣ୍ଡାର' ଓ 'କୃଷକ ବାନ୍ଧାହୁ' ଯୋଜନାର ସଫଳତାକୁ ନେଇ ବି ଭୋଟ୍ ଭିକ୍ଷା କରୁଛନ୍ତି । ତାଙ୍କ ଫୋକସରେ ରହିଛନ୍ତି ମହିଳା ଭୋଟର । ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ ଟିଏମସି ସପକ୍ଷରେ ମହିଳାଙ୍କ ଭୋଟ୍ ଯାଉଥିବା ଲକ୍ଷ୍ୟ କରାଯାଉଛି । ସେହିପରି ଇସ୍ତାହାରରେ ସେ 'ଦିଦିର ଦଶ ପ୍ରୋତିଗ୍ୟା' ବା ୧୦ ପ୍ରତିଜ୍ଞା ଜରିଆରେ ନୂଆ ଯୋଜନା ଘୋଷଣା କରି ଭୋଟ୍ ଭିଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି ।



### ଶୁଭେନ୍ଦୁଙ୍କ ରଣନୀତି

ହିନ୍ଦୁ ଭୋଟକୁ ଏକାଠି କରିବାକୁ ସେ ଯୋଜନା କରିଛନ୍ତି । ଏମିତି ଯୋଜନା କରି ଅନ୍ୟ କେତେକ ରାଜ୍ୟରେ ବିଜେପି ବାଜିମାତ୍ କରିବାରେ ସଫଳ ହୋଇଛି । ଟିଏମସି ଉପରେ ସେ ନିଯୁକ୍ତି ଦୁର୍ନୀତି, କୋଇଲା ଓ ଗୋରୁ ସ୍ମଗଲିଂ ଭଳି ଦୁର୍ନୀତି ଲଦି ଜନମତକୁ ଜାଗ୍ରତ କରିବାର ପ୍ରୟାସ କରୁଛନ୍ତି । ମମତାଙ୍କ ବିକଳ୍ପ ଭାବେ ସେ ନିଜକୁ ଦର୍ଶାଉଥିବାବେଳେ ମମତାଙ୍କ ଭବାନୀପୁରରେ ଲଢୁଛନ୍ତି । ଆଜିକା ଦିନରେ ସେ ପଶ୍ଚିମବଙ୍ଗ ବିଜେପିର ପୋଷ୍ଟରବୟ ପାଲଟିଛନ୍ତି । ଏସଆଇଆରକୁ ସମର୍ଥନ କରିବା ସହ ବାଂଲାଦେଶୀ ମୁସଲିମ୍ ଓ ରୋହିଙ୍ଗ୍ୟାଙ୍କୁ ସେ ବେଶୀ ଟାର୍ଗେଟ୍ କରୁଛନ୍ତି । ମୋଦିଙ୍କ କ୍ରେଜ ଓ କେନ୍ଦ୍ର ସରକାରଙ୍କ ଯୋଜନା ଜରିଆରେ ସେ ଭୋଟ୍ ହାତେଇବାକୁ ରଣନୀତି କରିଛନ୍ତି ।

### କେଉଁଠି କାହାର କେତେ ଦମ୍ ?

**ଗୋର୍ଖାଲାଣ୍ଡ ଟେରିଟୋରିଆଲ୍ ଆଡ଼ମିନିଷ୍ଟ୍ରେସନ୍ (୩ ଆସନ):** ଏସବୁ ଗୋର୍ଖା ଜନବହୁଳ ଅଞ୍ଚଳ ହୋଇଥିବାବେଳେ ବିଜେପି ଓ ଗୋର୍ଖା ଜନମୁକ୍ତି ମୋର୍ଚ୍ଚ ଫାଇଦା ନେଉଛି ।

**ମାଲଦା, ମୁର୍ଶିଦାବାଦ, ଉତ୍ତର ଓ ଦକ୍ଷିଣ ଦିନଜାପୁର (୩୯ ଆସନ) :** ଏଭଳି ମୁସଲିମ୍ ବହୁଳ ଅଞ୍ଚଳରେ ଟିଏମସି ହିଁ ଅଧିକ ଭୋଟ୍ ପାଇଆସୁଛି ।

**ବାଙ୍କୁରା, ପୁରୁଲିଆ, ବର୍ଦ୍ଧମାନ (୧୬ ଆସନ) :** ବାଗଦି ଜାତି ବହୁଳ ଅଞ୍ଚଳରେ ଉଭୟ ବିଜେପି ଓ ଟିଏମସି ମଧ୍ୟରେ କଡ଼ା ଲଢ଼େଇ ଦେଖିବାକୁ ମିଳେ ।

**ନର୍ଥ ବେଙ୍ଗଲ (୨୫ ଆସନ) :** ରାଜବଂଶୀ ଓ ଚା' କର୍ମଚାରୀ, ବିଶେଷକରି ଆଦିବାସୀ ବହୁଳ ଏହି ଅଞ୍ଚଳରେ ଦୁଇ ଦଳ ବିଜେପି ଓ ଟିଏମସିର ଭଲ ଭୋଟ୍ ବ୍ୟାଙ୍କ ରହିଛି ।

**ନଦିଆ, ନର୍ଥ ଓ ସାଉଥ ୨୪ ପ୍ରଗଣା (୨୧ ଆସନ) :** ମାତୁଆ ସମ୍ପ୍ରଦାୟ ଅଞ୍ଚଳରେ ୨୦୨୧ରେ ବିଜେପି-ଟିଏମସି ମଧ୍ୟରେ କଡ଼ା ଟକ୍କର ହୋଇଥିଲା ।

**କୋଲକାତା (୧୧) :** ବେଙ୍ଗଲୀ ଭଦ୍ରଲୋକ ବୋଲି କୁହାଯାଉଥିବା ଏହିସବୁ ଅଞ୍ଚଳରେ ଟିଏମସିର ପଲା ବିଜେପି ତୁଳନାରେ ଭାରି ରହିଛି ।

# ପ୍ରିୟଙ୍କା ଧରିବେ କଂଗ୍ରେସ ମଙ୍ଗ !

**୨୦୧୪ ଲୋକସଭା**
**୪୪ ଆସନ** (ସବୁଠାରୁ ନିକୃଷ୍ଟ ପ୍ରଦର୍ଶନ)

**୨୦୧୯ ଲୋକସଭା**
**୫୨ ଆସନ** (ଏଲଓପି ମାନ୍ୟତା ମିଳିଲାନି)

**୨୦୨୪ ଲୋକସଭା**
**୯୯ ଆସନ** (ମୋଦିଙ୍କୁ ଚକମା, ଏଲଓପି ମାନ୍ୟତା)

**ଇଏ ଥିଲା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଲୋକସଭା ଅଙ୍କ । ଏବେ ଆସିବା ବିଧାନସଭା ଆଡ଼କୁ ।**

୨୦୧୪ : ବିଜୟ-୧, ପରାଜୟ-୮
୨୦୧୫ : ବିଜୟ-୧ (ମେଣ୍ଟ), ପରାଜୟ-୧
୨୦୧୬ : ବିଜୟ-୧, ପରାଜୟ-୪
୨୦୧୭ : ବିଜୟ-୧, ପରାଜୟ-୬
୨୦୧୮ : ବିଜୟ-୩, ବିଜୟ-୧ (ମେଣ୍ଟ), ପରାଜୟ-୫
୨୦୧୯ : ବିଜୟ-୨ (ମେଣ୍ଟ), ପରାଜୟ-୫
୨୦୨୦ : ପରାଜୟ-୨
୨୦୨୧: ବିଜୟ-୧, ପରାଜୟ-୪
୨୦୨୨ : ବିଜୟ-୧, ପରାଜୟ-୬
୨୦୨୩ : ବିଜୟ-୨, ପରାଜୟ-୭
୨୦୨୪: ବିଜୟ-୨ (ମେଣ୍ଟ), ପରାଜୟ-୬
୨୦୨୫ : ପରାଜୟ-୨

ଗାଏମୋଟ୍ ଦେଖିଲେ ୭୨ ବିଧାନସଭା ନିର୍ବାଚନ ମଧ୍ୟରୁ କଂଗ୍ରେସ ୯ ଥର ଜିତିଥିବାବେଳେ ୭ ଥର କଂଗ୍ରେସ-ମେଣ୍ଟ ଜିତିଛି। ଯେତେବେଳେକି ୫୬ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି।

ଆଜିକା ଦିନରେ କଂଗ୍ରେସର ଚେହେରା ହେଉଛନ୍ତି ରାହୁଲ ଗାନ୍ଧୀ, ହେଲେ ତାଙ୍କ ପ୍ରଚାର ପ୍ରଭାବୀ ହୋଇପାରୁନି । ତାଙ୍କର ନିଷ୍ଠା ଓ ପ୍ରତିବଦ୍ଧତା ଅଛି, ହେଲେ ବିଜୟ ମିଳୁନି । ସଭାରେ ଭିଡ଼ ରହୁଛି, ହେଲେ ତାହା ଭୋଟ୍‌ରେ ରୂପାନ୍ତରିତ ହେଉନି। ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ୩ ଲୋକସଭା ନିର୍ବାଚନ ଓ ୫୬ ବିଧାନସଭା ନିର୍ବାଚନରେ ପରାଜୟ ବରଣ କରିଛି ।

## କାହିଁକି ସଫଳ ହୋଇପାରୁନାହାନ୍ତି ରାହୁଲ୍?

ରାଜନୀତିକ ସମୀକ୍ଷକମାନେ ଏହାର ଅନେକ କାରଣ ଦର୍ଶାଉଛନ୍ତି। ରାହୁଲ୍ ବେରୋଜଗାରୀ, ମୁଦ୍ରାସ୍ଫୀତି, ଅସମାନତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ ଏସବୁକୁ କ୍ୟାମ୍ପେନ-ଥିମ୍ କରିବାରେ ବିଫଳ ହେଉଛନ୍ତି। ସେ ଶାସକଙ୍କ ବିରୋଧରେ ଯେମିତି ଲଢୁଛନ୍ତି, ନିଜ ପରିବାରର ଲିଗାସିକୁ ବଞ୍ଚାଇବା ପାଇଁବି ସେମିତି ଲଢୁଛନ୍ତି। ଅନେକ ପ୍ରସଙ୍ଗରେ ରାହୁଲ ଜଟିଳ ପ୍ରଶ୍ନରେ ଛନ୍ଦି ହୋଇ ଯାଉଛନ୍ତି। ଅତୀତରେ ନେହେରୁ ହୁଅନ୍ତୁ କି ଇନ୍ଦିରା, ରାଜୀବ ହୁଅନ୍ତୁ କି ମନମୋହନଙ୍କ ସରକାରରେ ସ୍ୱାଭାବିକ ଭାବେ କିଛି ତ୍ରୁଟି ବିଚ୍ୟୁତି ରହିଛି। ଯେତେବେଳେ ରାହୁଲ ସେମିତି କିଛି ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଛନ୍ତି, ସେତେବେଳେ ଲିଗାସୀର ତ୍ରୁଟିକୁ ଦେଖାଇ ବିଜେପି କାଉଣ୍ଟର ଆଟାକ୍ କରୁଛି। ଅନେକ କ୍ଷେତ୍ରରେ କିଛି ପ୍ରସଙ୍ଗ ରାହୁଲଙ୍କ ପାଇଁ ବୁମେରାଂ ହୋଇଯାଉଛି। ଗାଏମୋଟ୍ କହିଲେ, ଲିଗାସୀ ରାଜନୀତିର ସଫଳତା ରାହୁଲଙ୍କ ମନରେ ଯେତିକି ଆତ୍ମବିଶ୍ୱାସ ଭରୁଛି, ପୂର୍ବର ରାଜନୀତିକ ଓ ପ୍ରଶାସନିକ ତ୍ରୁଟି ତାଙ୍କ ପାଇଁ ସେମିତି ବୋଝ ହୋଇଯାଉଛି।

ଏଠି ପ୍ରଶ୍ନ ଉଠିବ, ବାପା-ଅଜାଙ୍କ ତ୍ରୁଟିକୁ ନେଇ ରାହୁଲ ଯଦି କ୍ଷତି ସହୁଛନ୍ତି, ତେବେ ସାମ୍ପ୍ରତିକ ତ୍ରୁଟିବିଚ୍ୟୁତିରେ ମୋଦି କାହିଁକି କ୍ଷତି ସହୁନାହାନ୍ତି ? ତାହାର କାରଣ ହେଉଛି ବିଜେପିର ନ୍ୟାରେଟିଭ ଓ କ୍ୟାଡ଼ର । ଆରଏସଏସ ଶହେ ବର୍ଷର ସଂଗଠନ । ଯାହାକି ନିର୍ଦ୍ଦିଷ୍ଟ ବିଚାରଧାରା ଉପରେ ପର୍ଯ୍ୟବସିତ । ଆରଏସଏସ ବିଚାରଧାରାକୁ ମୋଦି ଆଗେଇ ନେଉଥିବାରୁ ସଂଗଠନର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସ୍ୱାଭାବିକ ଭାବେ ଖୁସି। ସଂଘର କାର୍ଯ୍ୟକର୍ତ୍ତାମାନେ ବ୍ୟକ୍ତିଗତ ଭାବେ କ୍ଷମତା ବା ଅର୍ଥ ଲୋଭୀ ନୁହଁନ୍ତି । ବାସ୍, ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ବିଚାରଧାରାକୁ ଆଗକୁ ନେବା। ଯାହାକି ମୋଦିଙ୍କ କ୍ରେଜ ବଢ଼ାଇବା ସହ ବିଜୟରେ ସହାୟକ ହୋଇପାରୁଛି । ଏହି କାରଣ ପାଇଁ ମୋଦି କେବେବି ଆରଏସଏସକୁ ଅସୁଖୀ କରିବାକୁ ଚାହାଁନ୍ତିନାହିଁ । ଅନେକ କ୍ଷେତ୍ରରେ ଆରଏସଏସର ଚାପ ଆଗରେ ମୋଦି-ଶାହା ମଧ୍ୟ ନଇଁବାକୁ ବାଧ୍ୟ ହେଉଛନ୍ତି। ବିଜେପିର ସାଂସ୍କୃତିକ ଓ ରାଜନୀତିକ ଏଜେଣ୍ଡା ଉଭୟ ଦଳୀୟ କାର୍ଯ୍ୟକର୍ତ୍ତା ଓ ସଂଘ କାର୍ଯ୍ୟକର୍ତ୍ତାମାନେ ଆଗକୁ ନେଉଥିବାବେଳେ ରାହୁଲଙ୍କୁ କିନ୍ତୁ ଏକାକୀ ଲଢ଼ିବାକୁ ପଡୁଛି ।

ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ। ବୋଫର୍ସ ମାମଲାରେ ରାଜୀବ ଗାନ୍ଧୀ ବଦନାମ୍ ହୋଇଗଲେ। ଯାହାକି କଂଗ୍ରେସ ଓ ଗାନ୍ଧୀ ପରିବାରକୁ ରାଜନୀତିକ କ୍ଷତି ପହଁଚାଇଥିଲା। ସମାନ ଷ୍ଟାଇଲ୍‌ରେ, ରାଫେଲ ମାମଲାରେ ରାହୁଲ ଗାନ୍ଧୀ ମୋଦିଙ୍କ ଦେହରେ ଚୋର ଟ୍ୟାଗ ଲଗାଇବାକୁ ପ୍ରୟାସ କରିଥିଲେ। ଚୌକିଦାର ଚୋର୍ ହେଁ ବୋଲି କହିବୁଲିଲେ। କିନ୍ତୁ ମୋଦି ତାହାକୁ କାଉଣ୍ଟର କରି 'ମେଁ ଭି ଚୌକିଦାର' ବୋଲି ନ୍ୟାରେଟିଭ୍‌ଟେ କଲେ। ରାହୁଲଙ୍କ କ୍ୟାମ୍ପେନ ପ୍ରଭାବଶୂନ୍ୟ ହୋଇଗଲା। ପରେପରେ କୋର୍ଟରେ ରାଫେଲ ବିବାଦର ଅନ୍ତ ଘଟିଥିବାବେଳେ 'ଚୌକିଦାର ଚୋର୍ ହେଁ' ପାଇଁ ସୁପ୍ରିମକୋର୍ଟରେ କ୍ଷମା ମାଗିଥିଲେ । ରାହୁଲ୍‌ଙ୍କ ଆଦାନୀ-ଅମ୍ବାନୀ କଥା ହେଉ ଅବା ଭୋଟ୍ ଚୋରି, ତାହା ଯେତିକି ଦାନା ବାନ୍ଧିବ ବୋଲି ଆଶା କରାଯାଉଥିଲା ସେତିକି ହୋଇପାରିଲାନି । ଫଳରେ ରାହୁଲଙ୍କ ବିଫଳତା ତାଲିକା ବଢ଼ବଢ଼ି ଚାଲିଛି ।



## ପ୍ରିୟଙ୍କା ଗାନ୍ଧୀ

ଏବେ ପ୍ରିୟଙ୍କା ଗାନ୍ଧୀ ହିଁ କଂଗ୍ରେସର ପରବର୍ତ୍ତୀ ହାଇକମାଣ୍ଡ ହୁଅନ୍ତୁ ବୋଲି ଦଳରେ ମତ ଆସୁଛି। ବୋଧହୁଏ ରାହୁଲଙ୍କ ବାରମ୍ବାର ବିଫଳତା ଦଳର ନେତାମାନଙ୍କ ମନୋବଳ ଭାଙ୍ଗିଦେଇଛି। ଯଦି ପ୍ରିୟଙ୍କା କଂଗ୍ରେସର ହାଇକମାଣ୍ଡ ହୁଅନ୍ତି ତେବେ ସେ ରାଜନୀତିକ ଏଜେଣ୍ଡାକୁ କାର୍ଯ୍ୟକାରୀ କରିପାରନ୍ତେ। ଯେତେବେଳେକି ରାହୁଲ ଦଳର ଆଦର୍ଶବାଦୀ ଏଜେଣ୍ଡାକୁ ଆଗକୁ ନିଅନ୍ତେ । ପ୍ରିୟଙ୍କା ଦଳର ନିତିଦିନିଆ ବ୍ୟାପାର କଥା ବୁଝନ୍ତେ ଓ ରାହୁଲ୍ ପଦଯାତ୍ରା ଓ ଅନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ପାଖରେ ପହଁଚିପାରନ୍ତେ। ଯଦି ଏମିତି ନହୁଏ ତେବେ କେନ୍ଦ୍ରରେ ଦଳର କ୍ଷମତା ଆଶା ମରୀଚିକାରେ ପରିଣତ ହୋଇଯିବ ବୋଲି କଂଗ୍ରେସ ନେତାମାନେ ମତପୋଷଣ କରୁଛନ୍ତି ।

ଗର୍ବିତ ଓଡ଼ିଆ

# ବରୀ ରାଜନୀତି ଭାରି ଗୋଳିଆ

ଯାଜପୁରରୁ ବିକ୍ରମ କେଶରୀ ବିଶ୍ୱାଳ

## ସମୟ ସହ ନେତାଙ୍କ ଦଳ ବି ବଦଳେ







ଯାଜପୁର ଜିଲ୍ଲାର ୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ବରୀ ଅନ୍ୟତମ। ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି, ଲୋକେ ବି ସ୍ୱାଭିମାନୀ। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, ରମାଦେବୀଙ୍କ ଆଶ୍ରମ, ସାଉଁଟି-ସାନଦ-ହାଡିବନ୍ଧୁଙ୍କ କଥାକୁ ନେଇ ଏ ଅଞ୍ଚଳ ବେଶ୍ ପରିଚିତ। କିନ୍ତୁ ବରୀର ରାଜନୀତି କଥାକୁ ଯଦି ବିଚାରକୁ ନିଆଯାଏ, ତେବେ ଏହା ସବୁବେଳେ ଗୋଳମାଳିଆ। ସମୟ ସହ ନେତାମାନେ ଦଳ ବଦଳାଉଥିବା ଦେଖିବାକୁ ମିଳେ। କିଏ କେତେବେଳେ ପଟ୍ଟ ପରିବର୍ତ୍ତନ କରେ ତାହା ଜାଣିବା ମୁସ୍କିଲ୍ ହୋଇପଡ଼େ।

ଏବେର ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଜଣେ ଯୁବ ଚେହେରା। ସେ କଂଗ୍ରେସରୁ ରାଜନୈତିକ କ୍ୟାରିଅର ଆରମ୍ଭ କରି ୨୦୧୪ରେ ସ୍ୱାଧୀନ ଭାବେ ଲଢ଼ିଥିଲେ । ୨୦୧୯ରେ ସେ ବିଜେପିରୁ ଲଢ଼ି କଡା ଟକ୍କର ଦେଇ ଅଳ୍ପ ବ୍ୟବଧାନରେ ହାରି ଯାଇଥିଲେ। କିନ୍ତୁ ୨୦୨୪ରେ ବିଜେଡ଼ିରୁ ଲଢ଼ି ସବୁଠାରୁ ଅଧିକ ଭୋଟରେ ବାଜିମାତ୍ କରିବାର ସୌଭାଗ୍ୟ ପାଇଥିଲେ । ମାତ୍ର ବିଜେପି ସରକାର ଯୋଗୁଁ ତାଙ୍କୁ କାମ କରିବାରେ କୌଣସିନା କୌଣସି ଜାଗାରେ ପ୍ରତିବନ୍ଧକ ରହୁଛି । କିନ୍ତୁ ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରତି ଏବେ ବି ଯୁବ ଭୋଟରଙ୍କ ଭଲ ପାଇବା ଓ ନେତୃତ୍ୱ ପ୍ରତି ସମର୍ଥନ ରହିଛି ।

ଅନ୍ୟତମ ନେତା ହେଲେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ। ସମୟ ଥିଲା ଦେବାଶିଷଙ୍କ ଇସାରା ବିନା ବରୀରେ ପତ୍ର ହଲୁନଥିଲା। କିନ୍ତୁ ଆଜି ସେ ଦିନ ନାହିଁ। ବରୀବାସୀ ୩ ଥର ସେବା କରିବାର ସୁଯୋଗ ଦେଇଥିଲେ। ତା'ପରେ ତାଙ୍କ ଟିକେଟ କଟାଯାଇ ୨୦୧୯ରେ ତାଙ୍କ ସ୍ଥାନରେ ସେତେବେଳର ବିଶ୍ୱ କ୍ୟାମ୍ପର ସୁନନ୍ଦା ଦାସ ଲଢ଼ି ବିଧାୟିକା ହୋଇଥିଲେ। ଯାହା ଫଳରେ ଦେବାଶିଷଙ୍କ ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ପରେ ଦେବାଶିଷ ବିଜେପିରେ ଯୋଗଦେଲେ । ଭାବିଥିଲେ ଦଳ ତାଙ୍କୁ ୨୦୨୪ରେ ଟିକେଟ ଦେବ। କିନ୍ତୁ ଟିକେଟ ନ ମିଳିବାରୁ ପୁଣି କଂଗ୍ରେସ ଦଳରୁ ନିଜ ଭାଗ୍ୟ ପରୀକ୍ଷା କରାଇ ମାତ୍ର ୪,୧୦୬ ଖଣ୍ଡ ଭୋଟ ପାଇଁ ଅମାନତ ହରାଇଥିଲେ । ୨୦୧୯ରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ୭ ହଜାର ଭୋଟ ପାଇଥିବା ଉମେଶ ଜେନା ଏବେ ବିଜେପିର ନେତା। ଗତ ନିର୍ବାଚନରେ ବିଜେପିରୁ ପ୍ରତିଦ୍ୱନ୍ଦିତା କରି ସେ ୫୦୫୦୧ ଖଣ୍ଡ ଭୋଟ ପାଇଥିଲେ। ଦୀର୍ଘଦିନ ଧରି ଦଳୀୟ ସଂଗଠନ ଆଗକୁ ନେବାକୁ ସେମାନେ ଚେଷ୍ଟା କରୁଥିଲେ। ଇତି ମଧ୍ୟରେ ବିଜେଡିର ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡିଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ବିଜେଡିରୁ ଆଣି ବିଜେପିରେ ସାମିଲ କରାଇବାରେ ସଫଳ ହୋଇଛନ୍ତି ଓ ନିଜର ଦବଦବା ଜାହିର କରିବା ପାଇଁ ଚେଷ୍ଟାରେ ଅଛନ୍ତି।

ତେବେ ନିର୍ବାଚନ ପରେ ବିଜେଡି ଛାଡି ବିଜେପିରେ ସାମିଲ ହେଲେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ। ତାଙ୍କ ସ୍ୱାମୀ ମଧ୍ୟ ରାଜନୀତିରେ ଜଣେ ଚତୁର ଲୋକ। ତୃଣମୂଳସ୍ତରରୁ ସେ ସଂଗଠନ କରିବାରେ ମାହିର। କିନ୍ତୁ ଦଳରେ ସେ ଏବେ ସେତେ ଗୁରୁତ୍ୱ ପାଉଥିବା ମନେ ହେଉନାହିଁ। ଅନ୍ୟ ଜଣେ ଚର୍ଚ୍ଚିତ ଚେହେରା ସେବେର କଂଗ୍ରେସ ନେତା ତଥା ଏବେର ବିଜେପି ମୁଖପାତ୍ର ମନୋଜ ମହାପାତ୍ର। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଠାରୁ ନେଇ ରାଜ୍ୟ ବିଜେପିର ସମସ୍ତ ନେତାଙ୍କ ସହ ତାଙ୍କର ସିଧାସଳଖ ସମ୍ପର୍କ। ବିଭିନ୍ନ ପ୍ରସଙ୍ଗରେ ସେ ଦଳର କଥାରଖନ୍ତି। ଯଦିଓ ସେ ଭୁବନେଶ୍ୱର ରାଜନୀତିରେ ପାରଙ୍ଗମ, ତଥାପି ବରୀ ରାଜନୀତିରେ ଏବେ ସେ ଚର୍ଚ୍ଚାରେ। ନିକଟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଳରେ ସେ ବିଭିନ୍ନ ବିଧାୟକମାନଙ୍କୁ ସାଙ୍ଗରେ ଆଣି ନିଜର ଏକକ ଶକ୍ତି ପ୍ରଦର୍ଶନ କରିଥିଲେ। ତେବେ ବିଜେପିର ଉମେଶ, ସୁନନ୍ଦା, ମନୋଜ କାହାରି ଭିତରେ କାହାରି ସମ୍ପର୍କ ଭଲ ନାହିଁ । କେହି କାହାର ନେତୃତ୍ୱକୁ ଗ୍ରହଣ କରିପାରୁନାହାନ୍ତି । ଫଳରେ ସରକାରୀ ଯୋଜନା ରୂପାୟନରେ ମଧ୍ୟ ପ୍ରଭାବ ପଡୁଛି । ଶାସକ ଦଳର ନେତାମାନଙ୍କ ମଧ୍ୟରେ ତାଳ ମେଳ ରହୁନଥିବାରୁ ସରକାରୀ କର୍ମଚାରୀ କାହା ନିର୍ଦ୍ଦେଶରେ କାମ କରିବେ ଏବେ ଦ୍ୱନ୍ଦରେ ଅଛନ୍ତି । ଏପରିକି ଗୋଟେ ଗୋଟେ ଜାଗାରେ କାମ କିଏ କରିବ ତାହାକୁ ନେଇ ଟଣାଓଟରା ଲାଗୁଛି । ଅନ୍ୟତମ ବିଜେପି ନେତା ଭାବେ ବିବେକାନନ୍ଦ ଜେନା ଓ ରତିକାନ୍ତ ରାଜବଂଶି ମଧ୍ୟ ଏକଲା ଚଲୋ ନୀତିରେ । ଏପରି କ୍ଷେତ୍ରରେ ମଧ୍ୟ ଜିଲ୍ଲା କି ରାଜ୍ୟ ନେତୃତ୍ୱ, ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ପ୍ରୟାସ କରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା; ଯାଜପୁର ସାଂସଦ ରବିନ୍ଦ୍ର ବେହେରାଙ୍କ ଘର ମଧ୍ୟ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ । ସେ କାହା ଉପରେ ନିର୍ଭରଶୀଳ ନହୋଇ ରସୁଲପୁର ବ୍ଲକ ତଥା ବରୀବାସୀଙ୍କ ସହ ସିଧାସଳଖ ସମ୍ପର୍କ ରଖି କାର୍ଯ୍ୟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ସାଂସଦ ପାଣ୍ଠିର ଅର୍ଥ ମଧ୍ୟ ନିଜ ନିଜର ଅନୁଗତଙ୍କ ଜରିଆରେ ଖର୍ଚ୍ଚ କରୁଛନ୍ତି । ଅତଏବ ବରୀର ଏବେ ନେତୃତ୍ୱ ନେଉଥିବା ସମସ୍ତ ଦଳର ନେତା ନେତ୍ରୀମାନେ ଆମଦାନୀ । ସେମାନେ ସେ ଦଳର ମୂଳ ନୁହଁନ୍ତି। ତେବେ ଏଠି ଦଳ ଅଦଳବଦଳ ଏକ ସ୍ୱାଭାବିକ ପ୍ରକ୍ରିୟା ଭାବେ ପରିଗଣିତ ହୋଇଛି ।

# ତାରା ଓ କାଡ଼ାମ୍ ଶୀତଳଯୁଦ୍ଧ



ତାରା ବାହିନୀପତି ଓ ରାମଚନ୍ଦ୍ର କାଡ଼ାମଙ୍କ ମଧ୍ୟରେ ପୁଣି ଆରମ୍ଭ ହୋଇଯାଇଛି ଶୀତଳଯୁଦ୍ଧ । ଅବଶ୍ୟ ଏମାନଙ୍କ ମଧ୍ୟରେ ଆଜି ନୁହେଁ, ଅନେକ ଦିନ ଧରି ଯୁଦ୍ଧ ଜାରିରହିଛି । କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ସହ କାଡ଼ାମ ରହିଥିବାବେଳେ ତାରା-ସପ୍ତଗିରିଙ୍କ ମଧ୍ୟରେ ବିବାଦ ଲାଗିରହିଛି । ହଠାତ୍ ତାରା ବାହିନୀପତିଙ୍କ ସମେତ ୮ ବିଧାୟକ ଦିଲ୍ଲୀ ଯିବା ଘଟଣା କଂଗ୍ରେସ ଅଳିନ୍ଦରେ କମ୍ପନ ସୃଷ୍ଟି କରିଛି। କାଡ଼ାମଙ୍କୁ ହଟାଇ ତାରାଙ୍କୁ ବିଧାୟକ ଦଳ ନେତା କରିବାକୁ ଏମିତି ଏକ ରଣନୀତି ହୋଇଥିବା କୁହାଯାଉଛି। କ୍ରସ ଭୋଟିଂ ପାଇଁ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୪ରୁ ୧୧କୁ ଖସିଆସିଛି। ହେଲେ ତାରାଙ୍କ ନେତୃତ୍ୱରେ ସିଏସ୍ ରାଜେନ ଏକ୍କା, ମଙ୍ଗୁ ଖିଲ, ସାଗର ଦାସ, ସତ୍ୟଜିତ ଗମାଙ୍ଗ, କାଡ୍ରାକା ଆପଲାସ୍ୱାମୀ ପ୍ରମୁଖ ହାଇକମାଣ୍ଡଙ୍କୁ ଭେଟିଛନ୍ତି । ପିସିସି ମୁଖିଆ ଭକ୍ତଙ୍କ ପୁଅ ସାଙ୍ଗରେ ଥିବାରୁ ଯାପଛରେ କିଛି ଗୁପ୍ତ ଗୋଟି ଚାଳନା ହେଉଥିବା ଅନୁମାନ କରାଯାଉଛି। ଅବଶ୍ୟ ତାରା କି ଭକ୍ତ ଏଭଳି ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି। କିନ୍ତୁ ଆଜ୍ଞା, ରାଜନୀତିରେ ହାତୀର ଦେଖାଇବା ଦାନ୍ତ ଓ ଖାଇବା ଦାନ୍ତ ଅଲଗା। କୋରାପୁଟର ଲଢ଼େଇ ଏବେ ଦିଲ୍ଲୀରେ ପହଁଚିଥିବାବେଳେ ସମୟ ଆସିଲେ ଅସଲ ଉଦ୍ଦେଶ୍ୟ ସାମ୍ନାକୁ ଆସିବ ।

# ବିଜେପି ପ୍ରେମରେ ସମବାୟବିତ୍

## ବିଚାରଧାରାରେ ଅନୁପ୍ରାଣୀତ ନା କ୍ଷମତା ଲୋଭ?

ଦିନେ ବିଜେଡ଼ି ପ୍ରେମରେ ଉବୁଟୁବୁ ହେଉଥିବା ସମବାୟ ବିତ୍ ଏବେ ବିଜେପିକୁ ପ୍ରେମ କରିବା ଆରମ୍ଭ କରିଛନ୍ତି । ହଠାତ୍ ଏମିତି ପରିବର୍ତ୍ତନ ପଛରେ କ'ଣ ରହସ୍ୟ ରହିଛି ? ସେମାନେ ସତକୁ ସତ ବିଜେପିର ବିଚାରଧାରା ପ୍ରତି ଅନୁପ୍ରାଣୀତ ହୋଇଗଲେ ନା ଆଗାମୀ ସମବାୟ ନିର୍ବାଚନରେ ପୁଣି କ୍ଷମତାସୀନ ହେବାପାଇଁ ପଦ୍ମପୋଖରୀରେ ବୁଡ଼ ପକାଇ ରାଜ୍ୟ ପଦ୍ମପତିଙ୍କ ଠାରୁ ପାଦୁକ ନେଲେ। ଖୋଦ୍ ବିଜେପି କାର୍ଯ୍ୟାକର୍ତ୍ତାଙ୍କ ମନରେ ଏମିତି ପ୍ରଶ୍ନ ଗୁଡ଼େଇ ହୋଇଯାଉଛି ।

ହଉ ଛାଡ଼ନ୍ତୁ ଆଜ୍ଞା, ବିଜେପି କେତେ ଫାଇଦା ପାଇବ ତାହା ତ ସମୟ କହିବ । ହେଲେ କେଉଁ ସମବାୟବିତ୍‌ମାନେ ପଦ୍ମଫୁଲ୍ ଧରିଲେ ସେମାନଙ୍କ ବିଷୟରେ ଟିକେ ଉଲ୍ଲେଖ କରିଦେବା । ସମବାୟ ନିର୍ବାଚନ ବେଳେ ସେନେଇ ଲାଭ କ୍ଷତିର ହିସାବ କରିବା । ଓଡିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଓଏସ୍‌ସିବି) ର ଅଧ୍ୟକ୍ଷ ଟି.ପ୍ରସାଦ ରାଓ ଡୋରା, ରାଜ୍ୟ ସମବାୟ ସଂଘ (ଓଏସସିୟୁ) ସଭାପତି ପ୍ରଭାସିନୀ ଷଡଙ୍ଗୀ, ଅର୍ବାନ ବ୍ୟାଙ୍କ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଫିସଫେଡ ଅଧ୍ୟକ୍ଷ ସସ୍ମିତା ରାଉତ, ଓପୋଲଫେଡ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ବିଭୁଦେନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କର ଉପସଭାପତି ଜୟଶ୍ରୀ ଗଡନାୟକ, ବ୍ରହ୍ମପୁର କେନ୍ଦ୍ରୀୟ କୋଅପରେଟିଭ ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ବୌଦ୍ଧ କେନ୍ଦ୍ରୀୟ କୋଅପରେଟିଭ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ଓଡିଶା ରାଜ୍ୟ ଗୃହନିର୍ମାଣ ସମବାୟ ସଂସ୍ଥାର ଅଧ୍ୟକ୍ଷ ରାଜେଶ ମହାନ୍ତି, ଭୁବନେଶ୍ୱର କୋଅପରେଟିଭ ସୁପର ବଜାରର ସଭାପତି ସସ୍ମିତା ମହାନ୍ତି, ସ୍ୱୟଂଶ୍ରୀ ମହିଳା ସମିତି ଅଧ୍ୟକ୍ଷା ପୂର୍ଣ୍ଣିମା ସିଂହ, ମହିଳା ବିକାଶ ସମବାୟ ନିଗମ ନିର୍ଦ୍ଦେଶକ କଲ୍ୟାଣୀ ସ୍ୱାଇଁ ପ୍ରମୁଖଙ୍କ ସମେତ ଓଏସ୍‌ସିବି, ଓପୋଲଫେଡ, ଓମଫେଡ, ଉତ୍କଳିକା, ବୟନିକା, ମହିଳା ବିକାଶ ସମବାୟ ନିଗମ, ରାଜ୍ୟ ସମବାୟ ସଂଘ, ସ୍ୱୟଂଶ୍ରୀ ମହିଳା ସମିତି, ଯାଜପୁର ହାଉସ ବିଲ୍ଡିଂ, କନକଦୁର୍ଗା ମହିଳା କୋଅପରେଟିଭ ସୋସାଇଟି, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ, ବ୍ରହ୍ମପୁର ସିସିବି, ବିଭିନ୍ନ କୃଷିଭିତ୍ତିକ ସମବାୟ ସଂସ୍ଥାର ଶତାଧିକ ନିର୍ଦ୍ଦେଶକବୃନ୍ଦ ଏବଂ ସଦସ୍ୟମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ଭୁବନେଶ୍ୱର କୋଅପରେଟିଭ ସୁପର ବଜାର, କ୍ୟାପଟାଲ କୋଅପରେଟିଭ ହାଉସିଂ ସଂସ୍ଥା, ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟିର ଶତାଧିକ ସଦସ୍ୟମାନେ ବିଜେପିରେ ମିଶିଛନ୍ତି ।

# ମନ୍ତ୍ରୀ ଆଶାୟୀଙ୍କୁ ଡିପିସି ଲଲିପପ୍

**ଚିତ୍ତରଞ୍ଜନ ମହାନ୍ତି, କଟକ**

ଆଉ ଦି ମାସ ପରେ ସରକାରଙ୍କୁ ଦିବର୍ଷ ପୂରିବ। ତଥାପିବି ମୋହନ ସରକାର ଅଧାଗଢ଼ା। ଏଯାଏଁ ୬ ମନ୍ତ୍ରୀ ପଦ ପୂରଣ ହୋଇପାରିଲାନି। ତେବେ ସେ ଯାହାହେଉ ବର୍ଷ ପୂରାଣି ବେଳକୁ ରାଜ୍ୟବାସୀ ମୋହନଙ୍କ ମନ୍ତ୍ରୀମଣ୍ଡଳର ନବକଳେବର ଦେଖିବାକୁ ପାଇବେ। ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ ଅନେକ ଆଶାୟୀଙ୍କୁ ଡିପିସି ଲଲିପପ୍ ଧରାଇ ଦେଇଛନ୍ତି ମୋହନ। କିଛି ନେତା, 'କାନ୍ଦୁଥା, ଯାହା ପାଉଛୁ ବାନ୍ଧୁଥା' ନ୍ୟାୟରେ ମନର ମଞ୍ଜି ଦରଜ ଲୁଚାଇ ଖୁସି ହେବାର ଅଭିନୟ କରୁଥିବାବେଳେ ଆଉ କିଛି ନେତାଙ୍କ ମନ ମରିଯାଇଛି। ସେପଟେ ଆଉ କିଛି ନେତାଙ୍କ ରାସ୍ତାରୁ କଣ୍ଟା ହଟି ଯାଇଥିବାରୁ ମନ୍ତ୍ରୀ ମୁଆଁ ପାଇବା ଆଶାରେ କୁରୁଳି ଉଠିଛନ୍ତି ।

କଣ୍ଟାବାଞ୍ଜିରେ ନବୀନ ପଟ୍ଟନାୟକଙ୍କୁ ହରାଇଥିଲେ ଲକ୍ଷ୍ମଣ ବାଗ । ନୂଆ ସରକାର ଶପଥ ନେବା ଦିନଠାରୁ ସେ ମନ୍ତ୍ରୀ ରେସ୍‌ରେ ଥିବା ଚର୍ଚ୍ଚା ହେଉଥିଲା । ଏବେ କିନ୍ତୁ ତାଙ୍କୁ ବଲାଙ୍ଗୀର ଡିପିସି ଅଧ୍ୟକ୍ଷ କରାଯାଇଛି । ସିମୁଳିଆ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ମନ୍ତ୍ରୀ ପଦ ପାଇଁ ଯୋଗ୍ୟ ବୋଲି ବହୁବାର ବାୟୋଡ଼ାଟା ଦେଖାଇ ମିଡ଼ିଆରେ କହି ବୁଲୁଥିଲେ। ହେଲେ ତାଙ୍କୁ ବାଲେଶ୍ୱର ଡିପିସି ଅଧ୍ୟକ୍ଷର ଲଲିପପ୍ ଧରାଇ ଦିଆଯାଇଛି। କୋରେଇ ବିଧାୟକ ଆକାଶ ଦାସ ନାୟକ ହେଭିୱେଟ୍ ନେତା ବବି ଦାସଙ୍କ ମା'ଙ୍କୁ ପରାସ୍ତ କରିଥିବାରୁ ସେ ବି ମନ୍ତ୍ରୀ ରେସ୍‌ରେ ଥିଲେ । ତେବେ ତାଙ୍କୁ ଡିପିସି ମିଳିଛି। ଫଳରେ ବଡ଼ଚଣା ବିଧାୟକ ଅମର ନାୟକଙ୍କ ମନ୍ତ୍ରୀ ହେବା ଆଶା ବଢ଼ିଯାଇଛି ।

ଟଙ୍କଧର ତ୍ରିପାଠୀଙ୍କ ମନରେ ବି ମନ୍ତ୍ରୀ ହେବାର ଇଚ୍ଛା ଥିଲା। କିନ୍ତୁ ଝାରସୁଗୁଡ଼ାରେ ଦି ବିଧାୟକ ମନ୍ତ୍ରୀ ହେବାର ସମ୍ଭାବନା ନଥିଲା। ସୁରେଶ ପୂଜାରୀ ମନ୍ତ୍ରୀ ହେବାବେଳ ଠାରୁ ଟଙ୍କଧରଙ୍କ ଆଉ ବଡ଼ ଆଶା ନଥିଲା । ସେ ଏବେ ଡିପିସି ଅଧ୍ୟକ୍ଷ ପଦରେ ସନ୍ତୁଷ୍ଟ ରହିବେ। କଳାହାଣ୍ଡିର ଏକମାତ୍ର ବିଜେପି ବିଧାୟକ ସୁଧିର ରଞ୍ଜନ ପାଟଯୋଶୀଙ୍କ ଆଶା ବି ଆଶାରେ ରହିଯାଇଛି । କେନ୍ଦ୍ରାପଡ଼ାର ଏକମାତ୍ର ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ବି ଡିପିସି ଅଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହେବେ । ଦିନେ କେନ୍ଦ୍ରାପଡ଼ା ମନ୍ତ୍ରୀପଡ଼ା ଭାବେ ଖ୍ୟାତି ଅର୍ଜନ କରିଥିଲା। ଏବେ ତାହା ମନ୍ତ୍ରୀଶୂନ୍ୟ ହୋଇଯିବ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମନ୍ତ୍ରୀ କରିବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଲବି କରୁଥିଲେ। କିନ୍ତୁ ତିନି ନିର୍ବାଚନମଣ୍ଡଳୀରୁ ତିନି ଥର ବିଧାୟକ ହୋଇଥିବା ଗଣେଶ ଏବେ ଡିପିସି ଅଧ୍ୟକ୍ଷ ପଦରେ ସନ୍ତୁଷ୍ଟ ହେବେ। ବିଜେଡ଼ି ସରକାର ଅମଳରେ ବି ସେ ଏହି ପଦ ପାଇଥିଲେ। ଗଣେଶ ଡିପିସିକୁ



ଯିବା ପରେ ବାବୁ ସିଂ ମନ୍ତ୍ରୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରୁ ଭାସ୍କର ମଢ଼େଇ ବି ମନ୍ତ୍ରୀ ରେସ୍‌ରେ ରହିଥିଲେ। ହେଲେ ସେ ଡିପିସି ଅଧ୍ୟକ୍ଷ ହେବା ପରେ ସନାତନ ବିଜୁଳିଙ୍କ ମନ ଟିକେ କୁରୁଳି ଉଠିଛି। ଅବଶ୍ୟ ସଞ୍ଜଲୀ ମୁର୍ମୁଙ୍କ ମନ୍ତ୍ରୀ ପଦ ସମ୍ଭାବନା ବଢ଼ିଥିବା କୁହାଯାଉଛି । ବରଗଡ଼ରେ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଡିପିସି ଅଧ୍ୟକ୍ଷ ହେବାପରେ ଇରାଶିଷ ଆଚାର୍ଯ୍ୟଙ୍କ ମନ୍ତ୍ରୀ ହେବାର ଆଶା ବଢ଼ିଯିବା ସ୍ୱାଭାବିକ । ଗଞ୍ଜାମରେ ପୂର୍ଣ୍ଣଚନ୍ଦ୍ର ସେଠୀ ଡିପିସି ଅଧ୍ୟକ୍ଷ ହୋଇଥିବାରୁ ସିଦ୍ଧାନ୍ତ ମହାପାତ୍ର ମନ୍ତ୍ରୀ ହେବାର ସମ୍ଭାବନା ବଢ଼ିଯାଇଛି । ଅବଶ୍ୟ ମନ୍ତ୍ରୀ ହେବା ପାଇଁ ମୋହନ କି ମାନଦଣ୍ଡ ରଖିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ୨୧ ଲୋକସଭା ଆସନରୁ ଜଣଙ୍କୁ ମନ୍ତ୍ରୀ କରାଯିବ ନା ଅନେକ ଜିଲ୍ଲାକୁ ଅଣଦେଖା କରାଯିବ? ତାହା ବି ଜଣାପଡୁନି। ସେହିପରି ରାଜ୍ୟ ବିଜେପିର ହାଲ୍ ଦେଖି ପାର୍ଟି ଅଫିସ୍ କାନ୍ଥରେ ଝିଟିପିଟି କହୁଛି, ମହୀ କ୍ଷଣକ୍ଷଣକେ ଆନ ।

# ମନ୍ତ୍ରୀପଡ଼ାରୁ ମନ୍ତ୍ରୀଶୂନ୍ୟ କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡ଼ସିଂ

ଏକଦା ମନ୍ତ୍ରୀପଡ଼ା କହିଲେ କେନ୍ଦ୍ରାପଡ଼ା ଜିଲ୍ଲାକୁ ବୁଝାଉଥିଲା। ସମୟ ଥିଲା ଜିଲ୍ଲାର ଦୁଇରୁ ତିନି ଜଣ ବିଧାୟକ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଉଥିଲେ । ସମୟ ବଦଳି ଯାଇଛି । ରାଜ୍ୟରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିଛି । ଅବଶ୍ୟ ଜିଲ୍ଲାର ୫ ବିଧାନସଭା ଆସନରୁ କେବଳ ଗୋଟିଏ ବିଧାନସଭା ଆସନରେ ଶାସକ ଦଳର ବିଧାୟକ ଅଛନ୍ତି। ପୂର୍ବତନ ବିଧାୟକ ହେଭିୱେଟ ଅତନୁଙ୍କୁ ପରାସ୍ତ କରି ମହାକାଳପଡାରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ଯୁବ ବିଜେପି ବିଧାୟକ ଡ଼.ଦୁର୍ଗା ପ୍ରସନ୍ନ ନାୟକ । ବିଜୟ ବ୍ୟବଧାନ ମଧ୍ୟ ବେଶ୍ ବଡ ଥିଲା । ତମାମ ରାଜ୍ୟରେ ସବୁଠୁ ବଡ ବ୍ୟବଧାନରେ ବିଜୟ ହେବାର ସୌଭାଗ୍ୟ ମଧ୍ୟ ଲାଭ କରିଥିଲେ ବିଧାୟକ ଡ଼.ନାୟକ । ଏହି କ୍ରମରେ ଜିଲ୍ଲାବାସୀଙ୍କ ଆଶା ଥିଲା ମୋହନ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଦୁର୍ଗାଙ୍କୁ ନିଶ୍ଚିନ୍ତ ସ୍ଥାନ ମିଳିବ । ଦଳୀୟ କର୍ମୀମାନେ ମଧ୍ୟ ଆଶାବାଦୀ ଥିଲେ । କିନ୍ତୁ ମୋହନ ସରକାରଙ୍କ ପ୍ରଥମ ନୂତନ ମନ୍ତ୍ରୀମଣ୍ଡଳରେ ଦୁର୍ଗାଙ୍କୁ ସ୍ଥାନ ମିଳିଲା ନାହିଁ । ସେହି ସମୟରେ କେନ୍ଦ୍ରାପଡ଼ା ବିଜେପି ଅଳିନ୍ଦରେ ଆଲୋଚନା ହୋଇଥିଲାଯେ, ପରବର୍ତ୍ତୀ ସମୟରେ ଯେତେବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରାଯିବ ବା ଖାଲି ପଡ଼ିଥିବା ମନ୍ତ୍ରୀ ପଦ ପୂରଣ କରାଯିବ ସେହି ସମୟରେ ଦୁର୍ଗାଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ।

କିନ୍ତୁ ବର୍ତ୍ତମାନ ଏହି ଆଶା କେବଳ ଆଶାରେ ହିଁ ରହିଯିବ ବୋଲି ସମୀକ୍ଷକ ମାନେ ମତ ଦେଉଛନ୍ତି । କାରଣ, ସରକାରକୁ ଦୁଇ ବର୍ଷ ପୂରିବା ପରେ ଜିଲ୍ଲା ଯୋଜନା ବୋର୍ଡରେ ବିଧାୟକମାନଙ୍କୁ ଥଇଥାନ କରାଯାଇଛି । ଆଗକୁ ନିଗମ ଲଡ୍ଡୁ ବଣ୍ଟା ହେବା ସହିତ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାନେଇ ଆଭାସ ମଧ୍ୟ ମିଳୁଛି । ଇତି ମଧ୍ୟରେ ଜିଲ୍ଲାର ଏକମାତ୍ର ବିଜେପି ବିଧାୟକ ଦୁର୍ଗା ପ୍ରସନ୍ନଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ନିଯୁକ୍ତି ମିଳିଛି । ତେଣୁ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଆଉ ମନ୍ତ୍ରୀ ପଦ ନମିଳିବା ଏକ ପ୍ରକାର ନିଶ୍ଚିନ୍ତ ହୋଇସାରିଥିବା ସମୀକ୍ଷକମାନେ ମତ ଦେଉଛନ୍ତି । ଯଦିଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ହେଉଛି, ରାଷ୍ଟ୍ରମନ୍ତ୍ରୀ ପାହ୍ୟା, ତଥାପି ବିଧାୟକ ଡ଼.ଦୁର୍ଗା ପ୍ରସନ୍ନ ଆଉ ମନ୍ତ୍ରୀ ପଦ ରେସ୍‌ରେ ନାହାଁନ୍ତି ବୋଲି କୁହାଯାଉଛି । ଆଗକୁ ପଞ୍ଚାୟତ ମହାସମର ଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାକୁ ମନ୍ତ୍ରୀ ପଦ ନମିଳିବା ବିଜେପି ପାଇଁ ବୁମେରାଂ ହୋଇପାରେ ବୋଲି ତଥ୍ୟାଭିଜ୍ଞ ମହଲରୁ ମତ ପ୍ରକାଶ ପାଉଛି ।

# ବିଜୟ୍-ମିଲନ-ମୃତ୍ୟୁଞ୍ଜୟଙ୍କ ବିନା ଲଢ଼ିବ ଦଳ







ପଞ୍ଚାୟତ ହାଲ୍‌ଚାଲ୍

ରାମନଗର

ମହାକାଳପଡ଼ାର ଚର୍ଚ୍ଚିତ ପଞ୍ଚାୟତ ହେଉଛି ରାମନଗର ପଞ୍ଚାୟତ । ବିଜେଡ଼ି ଗଡ ଭାବେ ଏହି ପଞ୍ଚାୟତ ବେଶ୍ ଜଣାଶୁଣା। ରାମନଗର ପଞ୍ଚାୟତର ନେତାମାନଙ୍କ ସହିତ ମିଶି ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ବିଗତ ଦିନରେ ଗୋଟିଚାଳନା କରୁଥିବାର ନଜିର ରହିଛି ।

ତେବେ ଗତ ସାଧାରଣ ନିର୍ବାଚନ ପରେ ସ୍ଥିତି ଓଲଟି ଯାଇଛି । ବିଜେଡ଼ିର ଦୃଢ଼ ସଂଗଠକ ତଥା ସରପଞ୍ଚ ମିଲନ ଦେବନାଥ ଅତନୁଙ୍କ ଶିବିର ଛାଡି ଦୁର୍ଗାଙ୍କ ଶିବିରରେ ପହଞ୍ଚି ସାରିଛନ୍ତି । ସରପଞ୍ଚ ମିଲନଙ୍କ ନେତୃତ୍ୱରେ ପଞ୍ଚାୟତର ୮ ରୁ ୧୦ ୱାର୍ଡ ମେମ୍ବରମାନେ ମଧ୍ୟ ବିଜେଡ଼ି ଛାଡି ବିଜେପି ଦଳରେ ଯୋଗ ଦେଇଛନ୍ତି । ମିଲନ ଦେବନାଥ ଦଳ ଛାଡ଼ିବା ପରେ ବିଜେଡିର ବୁଥ୍ ସ୍ତରୀୟ ସଂଗଠନଗୁଡ଼ିକ ପ୍ରାୟ ଭୁଷୁଡି ପଡ଼ିଥିବା ଲକ୍ଷ୍ୟ କରାଯାଉଛି ।

ମିଲନଙ୍କୁ ବାଦ୍ ଦେଲେ ଏହି ପଞ୍ଚାୟତରେ ବିଜେଡ଼ି ଦଳର ଆଉ ଜଣେ ଦୃଢ଼ ସଂଗଠକ ହେଉଛନ୍ତି ମହାକାଳପଡ଼ା ବ୍ଲକ ଉପାଧ୍ୟକ୍ଷ ଥିବା ବିଜୟ ଶୁକ୍ଳା । ରାଜନୈତିକ ଦୃଷ୍ଟି କୋଣରୁ ଦେଖିଲେ ସେ ବେଶ୍ ଅନୁଭବୀ ନେତା । ମହାକାଳପଡ଼ା ବ୍ଲକ ବିଜେଡ଼ି ହାତରୁ ଚାଲିଯିବା ପରେ ସେ ମଧ୍ୟ ଆଉ ଆଗଭଳି ରାଜନୀତିରେ ସକ୍ରିୟ ନଥିବା ଦେଖା ଯାଉଛି । ସରପଞ୍ଚ ମିଲନ ଦେବନାଥଙ୍କ ପରି ବ୍ଲକ ଉପାଧ୍ୟକ୍ଷ ଥିବା ବିଜୟ ଶୁକ୍ଳାଙ୍କ ନିଜସ୍ୱ ପକେଟ ଭୋଟ ରାମନଗର ପଞ୍ଚାୟତରେ ରହିଥିବା ବେଳେ ମିଲନ ଦଳ ଛାଡ଼ିଦେବା ଏବଂ ବିଜୟ ରାଜନୀତିରେ ସକ୍ରିୟ ଭୂମିକା ନତୁଲାଇବା ରାମନଗର ପଞ୍ଚାୟତ ରାଜନୀତି ଉପରେ ବେଶ୍ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି ।

ବିଜେଡିର ଆଉ ଜଣେ ବରିଷ୍ଠ ସଂଗଠକ ତଥା ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ହେଉଛନ୍ତି ମୃତ୍ୟୁଞ୍ଜୟ ମଣ୍ଡଳ । ସେ ନିଜେ ମଧ୍ୟ ଜିଲ୍ଲା ପରିଷଦ ସଦସ୍ୟ ଭାବେ ନର୍ବାଚିତ ହୋଇଛନ୍ତି । ତାଙ୍କୁ ମଧ୍ୟ ସକ୍ରିୟ ରାଜନୀତିରେ ଆଉ ପୂର୍ବ ଭଳି ଦେଖିବାକୁ ମିଳୁନାହିଁ। ତେବେ ଅନେକ ସମୟରେ ଆଲୋଚନା ହୁଏ ବିଜୟ, ମୃତ୍ୟୁଞ୍ଜୟ, ମିଲନ ଏ ତିନିହେଁ ରାମନଗର ପଞ୍ଚାୟତରେ ଥିଲେ ଅତନୁଙ୍କ ପାଇଁ ଟ୍ରମ୍ପ କାର୍ଡ । ସାମ୍ପ୍ରତିକ ପରିସ୍ଥିତିରେ ବିଜୟ ଦଳରେ ଥିଲେ ମଧ୍ୟ ରାଜନୀତିରେ ଆଉ ଆଗଭଳି ସକ୍ରିୟ ନାହାଁନ୍ତି। ମୃତ୍ୟୁଞ୍ଜୟ ଏକ ପ୍ରକାର ରାଜନୀତିରୁ ସନ୍ନ୍ୟାସୀ ନେଇ ସାରିଛନ୍ତି ଏବଂ ମିଲନ ଦଳ ଛାଡି ସାରିଛନ୍ତି । ଏକ ଲମ୍ବା ସମୟର ଅବଧି ପରେ ରାମନଗର ପଞ୍ଚାୟତ ବିଜେଡ଼ି ଏହି ତିନି ଭେଟେରାନଙ୍କ ବିନା ଓହ୍ଲାଇବ। ଏଥର ପଞ୍ଚାୟତ ନିର୍ବାଚନରେ ରାମନଗର ବିଜେଡ଼ି ନୂଆ ମୁହଁକୁ ପ୍ରାର୍ଥୀ ଦେବ ।

## ସରକାରଙ୍କ କୋଳରେ କିଏ ?

# ମାଲିକ ନା ସାମ୍ବାଦିକ



ସୌମ୍ୟରଞ୍ଜନ ବାବୁ ନୀତିବାଣୀ ଶୁଣାଇବାରେ ବେଶ୍ ମାହିର। ପୂରା ଗାନ୍ଧୀମାର୍କା କଥା। ଗାନ୍ଧୀ କହୁଥିଲେ, ମୁଁ ଯାହା କରୁଛି, ତୁମେ ସେଇଆ କରନି । ମୁଁ ଯାହା କହୁଛି, ସେଇଆ କର। ଠିକ୍ ସେମିତି ସୌମ୍ୟବାବୁଙ୍କ କଥା । ଓଡ଼ିଶା ସାମ୍ବାଦିକତାକୁ ନୂଆ ମୋଡ଼ ଦେବାରେ ସୌମ୍ୟଙ୍କର ବଡ଼ ଭୂମିକା ରହିଛି। ଲୋକେ ବାସି ବଦଳରେ ତାଜା ଖବର ପାଇଲେ। ସାମ୍ବାଦିକତାକୁ ଉଚ୍ଚଶିକ୍ଷିତ ଯୁବକ କ୍ୟାରିୟର କରିବାକୁ ଆଗ୍ରହ ପ୍ରକାଶ କଲେ। ଭଲ ଦରମା ବି ଦେଲେ। ଏସବୁ ଭିତରେ ସୌମ୍ୟଙ୍କ ଏହି 'କୋଳ' ପୁରାଣଟି କିନ୍ତୁ ଖାପଛଡ଼ା ଲାଗିଲା। କାହିଁକିନା ସମସ୍ତେ ଜାଣନ୍ତି, ମାଲିକ ହିଁ କୋଳରେ ବସନ୍ତି। ସାମ୍ବାଦିକଟେ କେବଳ ଅଫିସ ଚଉକିରେ ହିଁ ବସେ। ମାଲିକଙ୍କ ହାତରେ କାଗଜ ଆଉ କାଳି। କଲମଟି ସିନା ସାମ୍ବାଦିକ ହାତରେ ହେଲେ ନିବ କେମିତି ଚାଲିବ, ତାହା ମାଲିକ ହିଁ ନିର୍ଦ୍ଧାରଣ କରିଥା'ନ୍ତି। ତେଣୁ ସାର, ଆପଣ ହଜାର ହଜାର ସାମ୍ବାଦିକଙ୍କୁ ବଦନାମ୍ ନକରି ଟିକେ ମାଲିକମାନଙ୍କ ଉପରେ ଦୋଷ ଲଦିଲେ ଇତିହାସରେ ଆପଣଙ୍କ ଟେକ ରହନ୍ତା।

ODIA WEEKLY • GARVIT ODIA

## ମହାମୂର୍ଖ ଉବାଚ



| ଡ଼ଃ କୁଳାଙ୍ଗାର |

# ଓଡ଼ିଆଙ୍କ ପକ୍ଷରେ...

ସକାଳର ଜଳଖିଆ ଖାଇଲି ମୁଁ
ସାଉଥ ଇଣ୍ଡିଆନ ଯାଇ;
ଦ୍ୱିପହରେ ବିରିୟାନୀ ନାଦିଦେଲି
ସଂଜରେ ଚାଇନିଜ ପାଇ!
ପିଜା ଓ ବର୍ଗର ଖାଇ,
ରାତି ମୋ କଟିଲା ଅତି ଆନନ୍ଦରେ
ବିଦେଶୀ ୱାଇନି ପିଇ!

ଓଡ଼ିଆରେ ନେତା ଭାଷଣ ଦିଅନ୍ତି
ତାଙ୍କୁ ନିନ୍ଦିବାର ନାହିଁ;
ହେଲେ ଓଡ଼ିଆରେ ଫାଇଲି,
ବିଜ୍ଞପ୍ତି, ଚିଠିପତ୍ର ଘାଇଁ ଘାଇଁ?
ବାବୁଙ୍କୁ କହିଲି ଯାଇ,
ବୁଝେଇଲେ ସତେ ଲେଖିବି ଯଦି ମୁଁ
ପଢିକରି ମର୍ମ ବୁଝି ତୁ ପାରିବୁ ନାଇଁ!!

ଓଡ଼ିଆ ବହିଟେ କିଣିବା ପାଇଁକି
ଜିଲ୍ଲାରୁ ଜିଲ୍ଲାକୁ ବୁଲି;
ହତାଶ ହୋଇକି ଫେରିଲି ଖର୍ଚ୍ଚାନ୍ତ
ହୋଇ ଭାଷା ଶୁଣି ଖାଲି!
ଗୋଟେ କଥା ବୁଝିଗଲି,
ପୁରୁଣା ବସଷ୍ଟାଣ୍ଡ ଓ ବାଲୁବଜାର
ଭାଷାର ରାଇଜ ବୋଲି!!

କୁହ ହେ ଓଡ଼ିଆ ହୁଅ ହେ ଓଡ଼ିଆ
ବୋଲିକି ଆହ୍ୱାନ ଦେଇ;
କେତେ କେ ଗଲେଣି ଓଡ଼ିଆ ରହିଛି
ସେମିତି ଆଶାୟୀ ହୋଇ!
ଆଶା ପୁଣ୍ୟଭୂମି ଏହି,
ଆଶା ଜଗନ୍ନାଥ ସବୁ ସମ୍ଭାଳିବେ
ଦୁଃଖରୁ ମିଳିବ ତ୍ରାହି!!

ଓଡ଼ିଆ ପୋଷାକ ପିନ୍ଧିବା ପାଇଁକି
ଦିନେ ଆହ୍ୱାନକୁ ପାଇ;
ଧାଇଁଲି ଆଗ୍ରହେ ଧୋତି ଖଣ୍ଡେ ପିନ୍ଧି
କାନ୍ଧରେ ଗମୁଛା ଥୋଇ!
ନାକ ଗଲା ଟେକି ହୋଇ,
କଣ କରନ୍ତି ଦାମି ହ୍ୟାଣ୍ଡଲୁମ କିଣି
ପିନ୍ଧିବାକୁ ଅଣ୍ଟାରେ ମାଣିଆ ନାଇଁ!!

ଓଡ଼ିଆ ଓଡ଼ିଆ କେତେ ମୁଁ ଖୋଜିଲି
ରାଜଧାନୀ ପରେ ଯାଇ;
ମୁହଁଟେକି ବାବୁ କହିଲେ କାହିଁକି
ରଡୁଛ ଏମିତି ଭାଇ?
ଅସଲ ଓଡ଼ିଆ ମୁହିଁ,
ଇଂଲିଶ ମିଡିୟମ ସ୍କୁଲ ଖୋଲିଚି
ବେପାର କରିବା ପାଇଁ!!

ଉତ୍କୃଷ୍ଟ କଳାର କ୍ଷେତ୍ର ବୋଲି କିଆଁ
ଲେଖିଲେ ଯେ କାନ୍ତକବି;
ବାବୁଙ୍କ ରଚନା ଶୁଣିଲେ କେତେଙ୍କ
ନିମ୍ନଭାଗ ଯାଏ ଦବି!
ଦୋଷୀ ସବୁବେଳେ କବି,
ରାଜ୍ୟ ନୁହେଁ ଯେତେ କବିଙ୍କୁଇଁ ଖଣ୍ଡଖଣ୍ଡ
କରିବାକୁ ମହାମୂର୍ଖ କରେ ଦାବି!

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA



## ଭୋଟ୍ ଆସିଲା ବୋଲି...
# ୩୭ ହଜାର କୋଟି ବାଣ୍ଟିଦେଲେ

ଏଇ ମାସରେ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ନିର୍ବାଚନ । ଏହି ସବୁ ରାଜ୍ୟରେ ଭୋଟ୍ ହାତେଇବା ପାଇଁ ଶାସକ ଦଳ ଗଲା ତିନି ମାସ ଭିତରେ ଯୋଜନାର ବନ୍ୟା କରିଦେଇଛନ୍ତି। କେବଳ ମାର୍ଚ୍ଚରେ ୨୦ ହଜାର କୋଟି ଟଙ୍କା ବଣ୍ଟାଯାଇଛି ।

## ତାମିଲନାଡୁ



୨.୩ କୋଟି ପରିବାରକୁ ୩ ହଜାର କୋଟି ଟଙ୍କା ପୋଙ୍ଗଲ ଉପହାର ଦିଆଯାଇଛି । ୧.୩୧ କୋଟି ମହିଳାଙ୍କୁ କେଏମ୍‌ୟୁଟି ଯୋଜନାରେ ୫ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଫଳରେ ଯୋଜନା ବ୍ୟୟ ୯୫୫୬ କୋଟି ହୋଇଛି ।

## ଆସାମ



୪୦ ଲକ୍ଷ ମହିଳାଙ୍କୁ 'ଓରୁନୋଦୋଇ' ଯୋଜନାରେ ୪ ମାସର ମାସିକ କିସ୍ତି ଓ ବିହୁ ଉପହାର ମିଶାଇ ଏକାବେଳେ ୯ ହଜାର ଟଙ୍କା ଲେଖାଏଁ ଦିଆଯାଇଛି । ଫଳରେ ମୋଟ ଯୋଜନା ବ୍ୟୟ ୩୬ଶହ କୋଟି ଟଙ୍କା ହୋଇଛି ।

## ପୁଡୁଚେରୀ



ସେହିଭଳି ପୁଡୁଚେରୀରେ ୩ ହଜାର ଟଙ୍କାର ପୋଙ୍ଗଲ ଉପହାର ଓ ୩.୪୭ ଲକ୍ଷ ପିଡିଏସ୍ ପରବାରଙ୍କୁ ୭୫୦ ଟଙ୍କାର କିଟ୍ ବିତରଣ କରିଛନ୍ତି । ଫଳରେ ମୋଟ ଯୋଜନା ବାବଦ ବ୍ୟୟ ୧୩୦ କୋଟିରେ ପହଞ୍ଚିଛି ।

## କେରଳ



୩୧.୩୪ ଲକ୍ଷ ମହିଳାଙ୍କୁ ସ୍ତ୍ରୀ ସୁରକ୍ଷା ଯୋଜନାରେ ୧ ହଜାର ଟଙ୍କା ବୃଦ୍ଧି ଓ ୬୨ ଲକ୍ଷ ପେନ୍‌ସନଧାରୀଙ୍କୁ ୪୦୦ ଟଙ୍କା ଲେଖାଏଁ ଅଧିକ ଦେବାକୁ ଘୋଷଣା କରିଛନ୍ତି । ଏଥିପାଇଁ ୬୭୭୬ କୋଟି ଖର୍ଚ୍ଚ ହେବ ।

## ପଶ୍ଚିମବଙ୍ଗ



ଲକ୍ଷ୍ମୀ ଭଣ୍ଡାର ସହିତ ୨.୨ କୋଟି ମହିଳାଙ୍କ ସହାୟତା ପରିମାଣରେ ୫ ଶହ ଟଙ୍କା ବୃଦ୍ଧି କରାଯାଇଛି । ବାଙ୍ଗଲାର ଯୁବା ସାଥୀ ଯୋଜନାରେ ୨୮୦ କୋଟିର ସହାୟତା ଘୋଷଣା କରାଯାଇଛି । ଏହାଛଡ଼ା ଅନ୍ୟ ଯୋଜନାକୁ ମିଶାଇ ୧୮୬୩୦ କୋଟିରେ ପହଞ୍ଚିଛି ।

୨୦୨୩ରୁ ୨୦୨୫ ଭିତରେ ୮ ରାଜ୍ୟରେ ହୋଇଥିବା ନିର୍ବାଚନ ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡେ, ଏହି ରାଜ୍ୟଗୁଡିକରେ ପ୍ରାକ୍ ନିର୍ବାଚନୀରେ ୬୭୯୨୮ କୋଟି ଟଙ୍କା ବଣ୍ଟାଯାଇଛି । ମଧ୍ୟପ୍ରଦେଶ, ଝାଡଖଣ୍ଡ ଭଳି ବିହାର ଓ ମହାରାଷ୍ଟ୍ର ସରକାର ଏହି ସବୁ ଯୋଜନାରେ ଲୋକଙ୍କୁ ଟଙ୍କା ବାଣ୍ଟିବାରୁ ସରକାରୀ ବିରୋଧୀ ହାୱାକୁ ମାତ୍ ଦେବାରେ ସଫଳ ହୋଇଥିଲେ ।

## ଗ୍ୟାସ୍ ଟେନ୍ସନ୍




# ଚଢ଼ାଙ୍କ ଉପରେ ଆପ୍‌ର ଚଢ଼ଉ



ରାଘବ ଚଢ଼ା। ସଂସଦରେ ଆମ୍ ଆଦମୀ ପାର୍ଟିର ଚର୍ଚ୍ଚିତ ଚେହେରା। ସୋସିଆଲ ମିଡ଼ିଆ ଓ ଜେନ୍-ଜି ମହଲରେ ବେଶ୍ ଲୋକପ୍ରିୟ। ତାଙ୍କ ଯୁକ୍ତିର ଦମ୍ ବି ରହିଛି। ହେଲେ ଏମିତି ଜଣେ ନେତାଙ୍କୁ ଆପ୍ କୋଣଠେସା କରିଦେଲା। କାହିଁକି? କ'ଣ ପାଇଁ ଅରବିନ୍ଦ କେଜ୍ରିୱାଲ୍ ଏମିତି ଜଣେ ବାକ୍ ପଟୁ ନେତାଙ୍କୁ ଡେଣା କାଟିଦେଲେ ?

ଉଡାନ୍ ଯାତ୍ରୀ କାଫେ ଠାରୁ ଆରମ୍ଭ କରି ପାର୍ଟର୍ନିଟି ଲିଭ ହେଉ ଅବା ବ୍ଲିଙ୍କ ଇଟ୍, ମୋବାଇଲ ଡାଟା, ଇନକମ୍ ଟ୍ୟାକ୍ସ ପ୍ରତିଟି ପ୍ରସଙ୍ଗରେ ରାଘବଙ୍କ ମତାମତ ବେଶ ଚଳହ ସୃଷ୍ଟି କରିଛି। ସାଧାରଣ, ଖଟିଖିଆ, ନିମ୍ନ ମଧ୍ୟବିତ୍ତ ଲୋକଙ୍କ କଥା ସଂସଦରେ ଉଠାଇ ବେଶ ଲୋକପ୍ରିୟ ହୋଇଥିବା ଏହି ସାଂସଦଙ୍କ ପ୍ରତି ଆପ୍‌ର ଏଭଳି ବ୍ୟବହାର ପଛରେ ଅନେକ କାରଣ ରହିଛି।

ରାଘବ ସିନା ଏତେ ଭଲ କଥା କହୁଥିଲେ, କିନ୍ତୁ ନିଜର କ୍ରେଜ୍ ବଢ଼ାଇବାକୁ ଯାଇ ସେ ଦଳକୁ ପଛ କରିଦେଇଥିଲେ। ଆପ୍‌ର ଏଜେଣ୍ଡାକୁ ନଜର ଅନ୍ଦାଜ କରି ସେ ନିଜର ଏଜେଣ୍ଡାକୁ ଆଗକୁ ଆଣୁଥିଲେ। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ, କେଜ୍ରିୱାଲ ଓ ମନୀଷ ସିସୋଦିଆଙ୍କ ଠାରୁ ନେଇ ଅନେକ ଆପ୍ ନେତାଙ୍କୁ କ୍ଲିନଚିଟ୍ ମିଳିଥିଲେବି ସଂସଦରେ ରାଘବ ଏନେଇ ଧାଡିଏ ବି କହିଲେନି। ୨୦୨୫ ଡିସେମ୍ବରରେ ସଂସଦରେ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଉପରେ ଚର୍ଚ୍ଚା ହେଉଥିବାବେଳେ ସେ ୧୦ ମିନିଟ୍ ଡେଲିଭରିକୁ ସମାଲୋଚନା କରିଥିଲେ। ୨୦୨୬ ମାର୍ଚ୍ଚରେ ଏଲପିଜି ସଂକଟ ସମସ୍ତଙ୍କୁ ଆକ୍ତାମାକ୍ତା କରିଦେଉଥିବାବେଳେ ରାଘବ ୨୮ ଦିନିଆ ରିଚାର୍ଜ କଥା ଉଠାଇ ବାହାବା ସାଉଁଟିଥିଲେ। ସେହିପରି ଶକ୍ତି ସଂକଟ ଓ ଅଶୋଧିତ ତୈଳ ଦର ବୃଦ୍ଧିକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଥିବାବେଳେ ସେ କିନ୍ତୁ ଫ୍ରୁଟ ଜୁସକୁ ନେଇ ପ୍ରଶ୍ନ ଉଠାଇଥିଲେ।

ଏକଥା ସତଯେ, ସେ ଉଠାଇ ଥିବା ପ୍ରସଙ୍ଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ତାଙ୍କୁ ସଂସଦରେ ମତ ଉପସ୍ଥାପନ ପାଇଁ ମିଳୁଥିବା ସମୟ ଉପରେ ଆପ୍‌ର ସମ୍ପୂର୍ଣ୍ଣ ଅଧିକାର ରହିଛି। ସଂସଦରେ ରାଘବ ନିଜ ଦଳର ବିଚାରଧାରା, ବିରୋଧୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ ନକରିବାରୁ କେଜ୍ରିୱାଲ ଫିଙ୍ଗି ଦେଇଥିଲେ । ଯାହାର ପରିଣାମ ସ୍ୱରୂପ ଏବେ ତାଙ୍କୁ ସଂସଦରେ କମ୍ କହିବାର ସୁଯୋଗ ମିଳିବ।

# ଗଣେଶଙ୍କ ପୋକରା ଦାନ୍ତ ଖୋଜୁଛନ୍ତି ସୋନାଲି

କି କଥା, ବିଧାୟକ ହେଲେ ବୋଲି ତାଙ୍କର କ'ଣ ଇଚ୍ଛା ବୋଇଲେ କିଛି ନାହିଁ । ସେ କ'ଣ ବାରକୁ ଯାଇପାରିବେନି ନା ହୁକା ଟାଣି ପାରିବେନି। ହେଲେ ଆଜ୍ଞା ଗଣେଶ ବାବୁ ଦି ପୁଳା ହୁକା ଟାଣିଦେଲେ ବୋଲି ସୋନାଲି କିନ୍ତୁ ଏବେ ଫାୟାର। ଅବଶ୍ୟ ଦି ଜଣ ଭିନ୍ନ ଦଳରେ ଥିଲେବି କଲେଜ ଅମଳରୁ ଚିହ୍ନା ପରିଚୟ ଅଛି। ହେଲେ ଇଏ ବିଜେପିକୁ ସେ କଂଗ୍ରେସିଆ ହୋଇଥିବାରୁ ସୋନାଲି ମିଡ଼ିଆ ଆଗରେ ଖୁବ ଜୋରରେ ବର୍ଷିଥିଲେ। ଗଣେଶ ବି ତା'ର ପାଲଟା ଜବାବ ଦେଇ କହିଥିଲେଯେ, ୩୨ ଦାନ୍ତରୁ ଦି ଚାରିଟା ପୋକରା ଦାନ୍ତ ରହିବ। ହେଲେ ଜଣେ




ଯଦି ପୋକରା ଦାନ୍ତ ଦେଖିବ କିଏ କ'ଣ କରିପାରିବ। ସେ ବହୁ ଭଲ କାମ କରୁଛନ୍ତି ବୋଲି ଲୋକେ ତାଙ୍କୁ ଭୋଟ୍ ଦେଉଛନ୍ତି, ବିବାଦରେ ଥିବାରୁ ତାଙ୍କର କୁଆଡ଼େ ଆଡ଼ଭଟାଇଜ ହେଉଛି ବୋଲି ଗଣେଶ ବାହାସ୍ଫୋଟ ମାରୁଛନ୍ତି। ଏବେ ସୋନାଲି କୁଆଡ଼େ ପ୍ଲାସ ଧରି ଗଣେଶଙ୍କ ପୋକରା ଦାନ୍ତ ଉପାଡ଼ିବାକୁ ବାହାରିଛନ୍ତି ବୋଲି ଆମେ ଶୁଣୁଛୁ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS